୩୧ ଅଗଷ୍ଟ- ୬ ସେପ୍ଟେମ୍ବର , ୨୦୨୫

ସକାଳ
THE SAKALA
ରବିବାର ସିନ୍ଦୁର



- ପବିତ୍ର ବନ୍ଧନ ବିବାହ
- ବିବାହ ପାଇଁ ଜାତକ ଗଣନା
- ଜନଜାତି ବିବାହ
- ଭାରତୀୟ ବିବାହର ଭିନ୍ନ ପରମ୍ପରା
- ବିବାହ ବିଶ୍ୱାସ ଓ ପରମ୍ପରା

# ଶୁଭ ବିବାହ



ବିବାହ ଏକ ପବିତ୍ର ବନ୍ଧନ । ଦୁଇଟି ମନର ମିଳନ । ଦୁଇ ଜଣ ଯୁବକ-ଯୁବତୀଙ୍କ ଏକାଠି ସହାବସ୍ଥାନର ସାମାଜିକ ସ୍ୱୀକୃତି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବିବାହ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତେଣୁ ଜାତକ ଗଣନାଠାରୁ ଆରମ୍ଭ କରି ଅଗ୍ନି ଦେବତାଙ୍କୁ ସାକ୍ଷୀ ରଖି ବିବାହ କରିବା ପର୍ଯ୍ୟନ୍ତ ବିଭିନ୍ନ ରୀତିନୀତି ପ୍ରଚଳିତ । ଏହା ସହିତ ମଣିଷର ସାମାଜିକ, ପାରିବାରିକ, ଆର୍ଥିକ, ଧାର୍ମିକ ସମ୍ବନ୍ଧ ମଧ୍ୟ ଯୋଡ଼ି ହୋଇରହିଛି । ପ୍ରାଚୀନ ହିନ୍ଦୁ ପରମ୍ପରା ଅନୁଯାୟୀ ବିବାହ ଆଠ ପ୍ରକାର । ଏହି ଅଷ୍ଟବିଧ ବିବାହ ହେଉଛି ବ୍ରାହ୍ମ , ଦୈବ, ଆର୍ଷ , ପ୍ରଜାପତ୍ୟ , ଗାନ୍ଧର୍ବ, ଆସୁର, ରାକ୍ଷସ ଓ ପିଶାଚ ବିବାହ । ଏଥିମଧ୍ୟରୁ ବ୍ରାହ୍ମ ବିବାହ ସବୁଠାରୁ ଉତ୍ତମ ବୋଲି କୁହାଯାଏ । ତେବେ ଜନଜାତି ପରମ୍ପରାରେ ବିଭିନ୍ନ ପ୍ରକାର ବିବାହ ରହିଛି । ପାରମ୍ପରିକ ରୀତିନୀତି ଅନୁସାରେ ହେଉ କି ଆଇନଗତ ଭାବେ ହେଉ ବିବାହ ହେଉଛି ପାରିବାରିକ ଜୀବନ ଆରମ୍ଭର ମୂଳଦୁଆ । ଭାରତୀୟ ସଂସ୍କୃତିରେ ପୁରୋହିତଙ୍କ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ତେବେ ଭାରତର ବିଭିନ୍ନ ରାଜ୍ୟରେ ବିବାହକୁ ନେଇ ଭିନ୍ନ ପ୍ରଥା ପ୍ରଚଳିତ । ସେଭଳି ଜାତି ଅନୁସାରେ ମଧ୍ୟ କେତେ ରୀତିନୀତି ଅନୁଯାୟୀ ବିବାହ ଅନୁଷ୍ଠିତ ହୋଇଥାଏ । ଆଧୁନିକତାର ପ୍ରଭାବରେ ବିବାହ ପରମ୍ପରାରେ ଆସିଛି ଅନେକ ପରିବର୍ତ୍ତନ । ତଥାପି ଆମ ଦେଶରେ ପାରମ୍ପରିକ ବିବାହର ବେଶ୍ ଗୁରୁତ୍ୱ ରହିଛି । ଭାରତୀୟ ବିବାହ ପରମ୍ପରା, ବିବାହର ରୀତିନୀତି, ନିଆରା ବିବାହ ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଶୁଭ ବିବାହ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ । ବୁଧ, ଗୁରୁବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ଦାମ୍ପତ୍ୟ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା ଜାରି ରଖିବେ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ଭବିଷ୍ୟତ ପାଇଁ ବଡ଼ ଯୋଜନା ପ୍ରସ୍ତୁତ କରିବେ । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବେ । ଶୁକ୍ର, ଶନିବାରରେ ଜୀବନରେ ଭିନ୍ନ ମୋଡ଼ ଦେଖାଦେବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋନିବେଶ କରିବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । ସୁଖ ସନ୍ତୋଷ ବୃଦ୍ଧି ପାଇବ । ବୁଧ, ଗୁରୁବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ । ଶୁକ୍ର, ଶନିବାରରେ ସହକର୍ମୀଙ୍କ ସହ ବାଦବିବାଦ ଉପୁଜିପାରେ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ । କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ବ୍ୟବସାୟରେ ପ୍ରସାର ପାଇଁ ନୂତନ ମାର୍ଗ ପାଇବେ । ଛାତ୍ରଛାତ୍ରୀ କ୍ୟାରିୟର୍ ପାଇଁ ଚିନ୍ତିତ ହୋଇପାରନ୍ତି ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ କୌଣସି ଶୁଭ ସମାଚାର ଶୁଣିବାକୁ ପାଇବେ । କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରିବେ । ବୁଧ, ଗୁରୁବାରରେ ରାଜନୈତିକ କ୍ଷେତ୍ରରେ ଲୋକସମର୍ଥନ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଆର୍ଥିକ ପରିସ୍ଥିତି ସୁଦୃଢ଼ ରହିବ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ସଂପତ୍ତି କ୍ରୟବିକ୍ରୟ କରିବାର ସୁଯୋଗ ପାଇବେ । ଦୀର୍ଘ ଦିନପରେ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ବୁଧ, ଗୁରୁବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି ।

**ବିଛା**
ରବି, ସୋମ, ମଙ୍ଗଳବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଗର୍ବିତ ହେବେ । ଆର୍ଥିକ ଅବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ବୁଧ, ଗୁରୁବାରରେ ସକାରାତ୍ମକ ଚିନ୍ତାରଖି ଆଗକୁ ବଢ଼ିବେ । ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇପାରନ୍ତି ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ଜୀବନରେ କିଛି ନୂତନ ପରିବର୍ତ୍ତନ ଦେଖାଦେବ । ବ୍ୟବସାୟରେ ଲାଭବାନ ହୋଇପାରନ୍ତି । ବୁଧ, ଗୁରୁବାରରେ ଜୀବନ ସାଥୀଙ୍କ ସହଯୋଗ ପାଇ ଉତ୍ସାହିତ ହେବେ । ଶୁକ୍ର, ଶନିବାରରେ ସାହିତ୍ୟ, ସଙ୍ଗୀତ ପ୍ରତି ଉତ୍ସାହ ବଢ଼ିବାକୁ ଲାଗିବ ।

**ମକର**
ରବି, ସୋମ, ମଙ୍ଗଳବାରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧା ଦେଖାଦେଇପାରେ । ଅକସ୍ମାତ୍ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ବୁଧ, ଗୁରୁବାରରେ ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ଅନ୍ୟକୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଉଚ୍ଚ ଆଶା କରି ମାନସିକ ଅବସାଦରେ ରହିପାରନ୍ତି । ଉପରିସ୍ଥ ଅଧିକାରୀଙ୍କ ପ୍ରିୟଭାଜନ ହେବେ । ବୁଧ, ଗୁରୁବାରରେ ଧୈର୍ଯ୍ୟ ଓ ବୁଦ୍ଧି ବଳରେ କାର୍ଯ୍ୟ ହାସଲ କରିବେ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବ । ଆର୍ଥିକ ଉନ୍ନତି ପରିଲକ୍ଷିତ ହେବ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ । ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ବାଧ୍ୟ ହେବେ । ବୁଧ, ଗୁରୁବାରରେ ଶତ୍ରୁମାନଙ୍କଠାରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ବିଭାଗୀୟ ଅଧିକାରୀଙ୍କଠାରୁ ଉଚିତ ପରାମର୍ଶ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com






ପଣ୍ଡିତ ଦୈତ୍ୟାରି ମହାପାତ୍ର

# ବିବାହ



ଆମ ସଂସ୍କୃତି ଓ ପରମ୍ପରା ଅନୁସାରେ ବିବାହ ହେଉଛି ଏକ ପବିତ୍ର ବନ୍ଧନ । ବିବାହ କହିଲେ ଆମେ ଜାଣୁ ଜଣେ ପୁରୁଷ ଜଣେ ମହିଳାଙ୍କ ସହିତ ସାମାଜିକ ଓ ଆଇନଗତ ସ୍ୱୀକୃତି ସହିତ ସହାବସ୍ଥାନ, ପରସ୍ପର ପ୍ରତି ତଥା ସେମାନଙ୍କର ପିଲାମାନଙ୍କ, ସମ୍ପର୍କୀୟଙ୍କ ପ୍ରତି ଅନ୍ତର୍ନିହିତ ଅଧିକାର ଓ କର୍ତ୍ତବ୍ୟ । ଏହା ସହିତ ପାରିବାରିକ, ସାମାଜିକ, ଅର୍ଥନୈତିକ, ଧର୍ମ ସମ୍ବନ୍ଧୀୟ ଭାବୁକତା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କେତେକ ସଂସ୍କୃତିରେ ସ୍ଥିରୀକୃତ ବିବାହ, ବାଲ୍ୟ ବିବାହ, ଏକାଧିକ ବିବାହ ଓ ବଳପୂର୍ବକ ବିବାହ ପ୍ରଥା ଅଛି । ଅନ୍ୟ ପକ୍ଷରେ ଏହିଭଳି ବିବାହ ଅନେକ ସ୍ଥାନରେ ବେନିୟମ ଓ ଦଣ୍ଡନୀୟ, କାରଣ, ଏହା ମହିଳାଙ୍କ ଅଧିକାରର ଆନ୍ତର୍ଜାତୀୟ ନିୟମର ପରିପନ୍ଥୀ । ବିବାହକୁ ସ୍ୱୀକୃତି ଦେଇଥାନ୍ତି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ସଂଗଠନ, ଆଦିବାସୀ ସଂପ୍ରଦାୟ, ସ୍ଥାନୀୟ ଗୋଷ୍ଠୀ ବା ସମ୍ମାନନୀୟ ବ୍ୟକ୍ତି, ପରିବାର ଏବଂ ଗୁରୁଜନ । ବିବାହକୁ ଏକ ଅନୁବନ୍ଧିତ କାନୁନୀ ବିବାହ ବୋଲି ମଧ୍ୟ କୁହାଯାଏ । କାନୁନୀ ବିବାହରେ ଧାର୍ମିକ କ୍ରିୟା ସମ୍ପାଦିତ ହୁଏ ନାହିଁ । ବିଂଶ ଶତାବ୍ଦୀରେ ଆଗରୁ ଅଣସ୍ୱୀକୃତ ଥିବା ଭିନ୍ନ ଜାତି ବିବାହ, ଭିନ୍ନ ବିଶ୍ୱାସ ବିବାହ ଓ ସମଲିଙ୍ଗୀ ବିବାହକୁ ଅନେକ ଦେଶ ସ୍ୱୀକୃତି ଦେଇସାରିଛନ୍ତି । ବିବାହ ହିନ୍ଦୁମାନଙ୍କର ଦଶବିଧ ସଂସ୍କାର (ଗର୍ଭାଧାନ, ପୁଂସବନ, ସୀମାନ୍ତୋନ୍ନୟନ, ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, ମୁଣ୍ଡନ, ଉପନୟନ, ସମାବର୍ତ୍ତନ, ବିବାହ) ମଧ୍ୟରୁ ଗୋଟିଏ ।



# ବିବାହର ପ୍ରକାରଭେଦ

**ସୃଷ୍ଟିର ଆଦିପୁରୁଷ ମନୁ ବିବାହକୁ ଆଠ ଭାଗରେ ବିଭକ୍ତ କରିଛନ୍ତି । ଯଥା: – ୧- ବ୍ରାହ୍ମ ବିବାହ, ୨- ଦୈବ ବିବାହ, ୩- ଆର୍ଷ ବିବାହ, ୪- ପ୍ରଜାପତ୍ୟ ବିବାହ, ୫-ଆସୁର ବିବାହ , ୬- ଗାନ୍ଧର୍ବ ବିବାହ, ୭- ରାକ୍ଷସ ବିବାହ, ୮ - ପିଶାଚ ବିବାହ**

## ବ୍ରାହ୍ମ ବିବାହ

ଉତ୍ତମଶୀଳ ସ୍ୱଭାବର ବରକୁ ନିଜେ ଡାକି ବସ୍ତ୍ର, ଅଳଙ୍କାର ଦେଇ ପୂଜା କରି କନ୍ୟା ଦାନ କରିବାକୁ ବ୍ରାହ୍ମ ବିବାହ କୁହାଯାଏ। ବ୍ରାହ୍ମ ବିବାହ ଅର୍ଥାତ୍ ଯେଉଁ ଯୁବକ ଯୁବତୀ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ବିବାହ ହୁଏ , ତା'ଠାରୁ ଯେଉଁ ସନ୍ତାନ ଜନ୍ମ ହୁଏ ସେ କୁଳକୁ ଉଜ୍ଜ୍ୱଳମୟ କରେ। ଯଶ, କୀର୍ତ୍ତି, ନାମ, ଖ୍ୟାତି ଅର୍ଜନ କରେ। କନ୍ୟାପିତା କନ୍ୟାକୁ ବସ୍ତ୍ରାଳଙ୍କାର ଦ୍ୱାରା ଭୂଷିତ କରି ବିଦ୍ୱାନ ଓ ସଦାଚାରସମ୍ପନ୍ନ ବରକୁ ସ୍ୱୟଂ ଆମନ୍ତ୍ରଣ ପୂର୍ବକ ବେଦୋକ୍ତ ବିଧିରେ କନ୍ୟାଦାନ କରିଥାଆନ୍ତି ।

## ଦୈବ ବିବାହ

ଯଜ୍ଞରେ ସମ୍ୟକ୍ ରୂପେ ଋତ୍ୱିଜ କର୍ମ କରୁଥିବା ବରକୁ ଅଳଙ୍କୃତ କରି କନ୍ୟା ପ୍ରଦାନ କରିବାକୁ ଦୈବ ବିବାହ କୁହାଯାଏ। ଦୈବୀ ବିବାହ ଅର୍ଥାତ୍ କୌଣସି ପ୍ରସ୍ତାବ ନ ଥାଇ ହଠାତ୍ ବିବାହ କରାଯାଏ। ତାହା ସୁଖଦାୟକ ବିବାହ ଅଟେ। ଜ୍ୟୋତିଷ୍ଟୋମାଦି ଯଜ୍ଞରେ ଯଜ୍ଞକର୍ତ୍ତା ପୁରୋହିତଙ୍କୁ ଦୈବ କାର୍ଯ୍ୟ ସିଦ୍ଧି କାମନାରେ ଅଳଙ୍କୃତ କନ୍ୟାକୁ ସମ୍ପ୍ରଦାନ କରିଥାଆନ୍ତି ।

## ଆର୍ଷ ବିବାହ

ବରଠାରୁ ଗୋଟିଏ କିମ୍ବା ଦୁଇଟି ଗାଈ ଧର୍ମାର୍ଥେ ନେଇ ବିଧି ପୂର୍ବକ କନ୍ୟା ଦାନ କରିବାକୁ ଆର୍ଷ ବିବାହ କୁହାଯାଏ। ଅର୍ଥାତ୍ ବର କନ୍ୟାଙ୍କର ମନ ମିଳନରେ ବିବାହ କରାଯାଏ। ତେଣୁ ଇଚ୍ଛା ମୁତାବକ ଶୁଭାଦାୟକ ଅଟେ। ଯାଗାଦି ଅବଶ୍ୟ କର୍ତ୍ତବ୍ୟ କର୍ମର ସାହାଯ୍ୟାର୍ଥେ ବରଠାରୁ ଗୋଟିଏ ବା ହଳେ ବଳୀବର୍ଦ୍ଧ ନେଇ ତାହାଙ୍କ ହସ୍ତରେ ବିଧି ଅନୁରୂପ କନ୍ୟାଦାନ କରିଥାଆନ୍ତି।

## ପ୍ରଜାପତ୍ୟ ବିବାହ

ବର କନ୍ୟା ଦୁଇଜଣ ଏକସଙ୍ଗେ ଗୃହଧର୍ମ ରକ୍ଷା କଲୁ ବୋଲି କହି ବରକୁ ଅଭ୍ୟର୍ଥନା କରି କନ୍ୟା ପ୍ରଦାନ କରିବାକୁ ପ୍ରଜାପତ୍ୟ ବିବାହ କୁହାଯାଏ। ଅର୍ଥାତ୍ ପରସ୍ପର ଦେଖାଦେଖିରେ ଯେଉଁ ବିବାହ କରାଯାଏ। ସେ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ। ତୁମ୍ଭେମାନେ ଉଭୟେ ଗାର୍ହସ୍ଥ୍ୟ ଧର୍ମ ଆଚରଣ କର କନ୍ୟାପିତା ଏହା କହି ଯଥାବିଧି ବରକୁ କନ୍ୟାଦାନ କରିଥାଆନ୍ତି।

## ଆସୁର ବିବାହ

କନ୍ୟା ପିତା କନ୍ୟାକୁ ଧନ ଦେଇ ସ୍ୱଚ୍ଛନ୍ଦରେ କନ୍ୟା ଗ୍ରହଣ କରିବାକୁ ଆସୁର ବିବାହ କୁହାଯାଏ। ଅର୍ଥାତ୍ ବଳ ପୂର୍ବକ କିମ୍ବା ମନ୍ତ୍ର, ତନ୍ତ୍ର, ଯନ୍ତ୍ର ସାହାଯ୍ୟରେ ବିବାହ କରାଯାଏ। ତା'ର ଭବିଷ୍ୟତ ଜୀବନ ଅଶାନ୍ତି ମଧ୍ୟ ଦେଇ ଗତି କରେ। ତାଙ୍କଠାରୁ ଯେଉଁ ସନ୍ତାନ ଜନ୍ମ ହୁଏ, ସେ ଅତ୍ୟାଚାରୀ, ଅସାମାଜିକ ଓ ଗୁଣ୍ଡାମି କାର୍ଯ୍ୟରେ ଲିପ୍ତ ରହେ। କନ୍ୟାକୁ କିଣି କରି ଗ୍ରହଣ ପୂର୍ବକ ବିବାହ କରିବା ଏହି ବିବାହରେ ଅନ୍ତର୍ଭୁକ୍ତ ।

## ଗାନ୍ଧର୍ବ ବିବାହ

କନ୍ୟା ଓ ବର ନିଜ ଇଚ୍ଛାନୁସାରେ ସଂଯୁକ୍ତ ହୋଇ ବିବାହ କରିବାକୁ ଗାନ୍ଧର୍ବ ବିବାହ କୁହାଯାଏ। ଏହି ବିବାହ ମୈଥୁନ ପାଇଁ ଉତ୍ତମ ଅଟେ। ବିବାହ ପୂର୍ବରୁ ଚୋରା ପ୍ରୀତି କରି ପରିଶେଷରେ ବିବାହ ହୋଇଥାଏ। ଅଧିକାଂଶ ସମୟରେ ପରସ୍ପର ମଧ୍ୟରେ ମନାନ୍ତର ଓ ବିଚ୍ଛେଦ ଭାବ ଦେଖାଦେଇଥାଏ। କନ୍ୟା ଓ ବରର ପରସ୍ପର ଅନୁରାଗ ବଶତଃ ମିଳନ। ମିଳନ ପରେ ହୋମାଦି ବିଧି ସମ୍ପାଦନ ପୂର୍ବକ ବିବାହ ସିଦ୍ଧ ହୋଇଥାଏ ।

## ରାକ୍ଷସ ବିବାହ

ହତ୍ୟା କରି, ଆହତ କରି, ଭୟ ଦେଖାଇ ବା ହରଣ କରି ରୋଦନ କରୁଥିବା କନ୍ୟାକୁ ବଳ ପୂର୍ବକ ବିବାହ କରିବାକୁ ରାକ୍ଷସ ବିବାହ କୁହାଯାଏ। ପିତା ମାତା ଏବଂ ଗୁରୁଜନଙ୍କ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରି ଏହି ବିବାହ ଜାତି ଅଜାତି ନ ମାନି ବିବାହ କରାଯାଏ। ସେମାନଙ୍କ ଠାରୁ ଯେଉଁ ସନ୍ତାନ ଜନ୍ମ ହୁଏ ତାଙ୍କୁ ବର୍ଣ୍ଣଶଙ୍କର କୁହାଯାଏ। କନ୍ୟା ପକ୍ଷୀୟ ଲୋକମାନଙ୍କୁ ଇଚ୍ଛା ବିରୁଦ୍ଧରେ କନ୍ୟାକୁ ବଳପୂର୍ବକ ହରଣ କରି ବିବାହ କରିବା।

## ପିଶାଚ ବିବାହ

ଶୋଇଥିବା, ମଦ୍ୟପାନ କରିଥିବା ବା ମସ୍ତିଷ୍କ ବିକୃତ କନ୍ୟା ସହ ଏକାନ୍ତରେ ସମ୍ଭୋଗ କରି ନିକୃଷ୍ଟ ପାପପୂର୍ଣ୍ଣ ବିବାହ କରିବାକୁ ପିଶାଚ ବିବାହ କୁହାଯାଏ। ବର ଶ୍ୱଶୁର ଘରେ ରହିଥାଏ। ତା'ର କିଛି ସ୍ୱାଧୀନତା ନ ଥାଏ। ନିର୍ଜନରେ ନିଦ୍ରା ବା ମଦ୍ୟପାନ ଦ୍ୱାରା ଅଚେତନ ବା ଉନ୍ମତ୍ତା କନ୍ୟାର ସହବାସ ପୂର୍ବକ ତାହାକୁ ପତ୍ନୀ ରୂପେ ଗ୍ରହଣ କରିବା।

## ବିବାହାଙ୍ଗ ବିବରଣ

ଗୃହ୍ୟସୂତ୍ର ମତେ ବିବାହ କର୍ମରେ ବରକନ୍ୟାଙ୍କର କର୍ତ୍ତବ୍ୟ ତେର ଗୋଟି ଭିନ୍ନ ଭିନ୍ନ ଅନୁଷ୍ଠାନର ବିବରଣୀ ମିଳେ। ଯଥା : - ପାଣିଗ୍ରହଣ, ବିବାହ ହୋମ, ଲାଜ ହୋମ, ଅଶ୍ୱାରୋହଣ, ସପ୍ତପଦୀ, ଧ୍ରୁବଦର୍ଶନ, ଯାନାରୋହଣ, ବିବାହାଗ୍ନିକୁ ସଙ୍ଗରେ ନେଇ ଗମନ, ଗୃହପ୍ରବେଶ, ଚତୁର୍ଥୀ କର୍ମ, ଗୃହାଗ୍ନିପରିଚରଣ, ପକ୍ଷାଦିରେ ସ୍ଥାଳିପାକ, ଗର୍ଭାଧାନ ।



## ବିବାହେ ଦଶ ମେଳକ ଗଣନା

ବର କନ୍ୟାଙ୍କ ଦାମ୍ପତ୍ୟ ଜୀବନକୁ ସୁଖମୟ କରାଇବା ଉଦ୍ଦେଶ୍ୟରେ ଉଭୟଙ୍କ କୋଷ୍ଠୀର ଦଶ ପ୍ରକାର ରାଶି ଲଗ୍ନକୁ ବିଚାର କରି ଶୁଭାଶୁଭ ଗଣନାକୁ ଦଶମେଳକ କୁହାଯାଏ। ଉଭୟଙ୍କ ରାଶି ଅନୁସାରେ ଦଶଗୋଟି ବିଷୟ ବିଚାର କରାଯାଏ। ତାହା ହେଉଛି -

**ତାରଂ ଚନ୍ଦ୍ରଂ ବଳଂ ବର୍ଣ୍ଣ ମଣ୍ଡଳଂ ଭବନାଧିପମ୍,
ନାଡ଼ର ଜାତି ସ୍ୱରୋବର୍ଗ ବିବାହେ ଦଶ ମେଳକ ।**

ତାର, ଚନ୍ଦ୍ର, ବଳ, ବର୍ଣ୍ଣ, ମଣ୍ଡଳ, ଭବନାଧିଶ, ନାଡ଼ୀ, ଜାତି, ସ୍ୱର ଏବଂ ବର୍ଗ ଏହି ଦଶ ପ୍ରକାର ଗଣନା ଅନୁଯାୟୀ ଦଶମେଳକ ବିଚାର କରାଯାଏ।




## ବିବାହେ ବରର ଲକ୍ଷଣ

ବିଭାଘରରେ କନ୍ୟା ଲାଗି ଉପଯୁକ୍ତ ବର ଖୋଜିବା ଏକାନ୍ତ ଆବଶ୍ୟକ। କନ୍ୟା ଲାଗି ଉପଯୁକ୍ତ ବରର କେତେକ ଲକ୍ଷଣ ରହିବା ଉଚିତ। ଯଥା - ପ୍ରଥମତଃ ବପୁ, ବିଦ୍ୟା, ବୟସ, ରୂପ, ଧନ, ବଳ, ବିନୟ ଓ ସ୍ଥିରତା ବରର ଏହି ଆଠ ଗୁଣ ସର୍ବାଗ୍ରେ ନିର୍ଣ୍ଣୟ କରିବା ଉଚିତ। ଦ୍ୱିତୀୟରେ ବରର ବାରରୁ ଅନ୍ୟୂନ ସାତ ଲକ୍ଷଣ ଦେଖି ବିବାହ କରାଯାଏ। ସେହି ସାତ ଲକ୍ଷଣ ହେଉଛି କୁଳ, ଶୀଳ, ଅଭିଭାବକରଣ, ବିଦ୍ୟା, ଚରିତ୍ର, ବପୁ ଏବଂ ଯଶ। ଅପର ପକ୍ଷରେ ଯେଉଁ ପୁରୁଷ ସର୍ବଦା ପାପ କାର୍ଯ୍ୟରେ ଲିପ୍ତ, ଅଳସ ସ୍ୱଭାବ, କଳହରେ ପ୍ରିୟ, ରୂପହୀନ, ଶୌଚହୀନ, ଭିକ୍ଷାଜୀବୀ, ରୋଗୀ, ନପୁଂସକ, ଚଞ୍ଚଳମନା, ସଦା ବିଦେଶ ଗ୍ରସ୍ତ, ଲମ୍ପଟ ସ୍ୱଭାବ, ମୂର୍ଖ, ଦରିଦ୍ର ଘରେ ଜନ୍ମ, କୃପଣ, ବୃଦ୍ଧ ଏବଂ ବଳହୀନ ଅଯୋଗ୍ୟ ପୁରୁଷକୁ କନ୍ୟା ବିବାହ ଦେବା ଅନୁଚିତ। ଶେଷରେ ଏତିକି କୁହାଯାଇପାରେ ଅତି ନିକଟରେ ବା ଅତି ଦୂରରେ, ଅତି ଧନୀ ବା ଅତି ଗରିବ, ଅତି ବଳବାନ ବା ଅତି ଦୁର୍ବଳ, ଅତି ପଣ୍ଡିତ ବା ଅତି ମୂର୍ଖକୁ କନ୍ୟା ଦାନ କରିବା ସମ୍ପୂର୍ଣ୍ଣ ଭାବେ ଅନୁଚିତ।

## ବିବାହେ କନ୍ୟାର ଲକ୍ଷଣ

କଥାରେ ଅଛି ଗୋ, କନ୍ୟା, ଭୂମୀ ଭାଗ୍ୟେ ପରାପତ। ସୁଲକ୍ଷଣ ସମ୍ପର୍ଣ୍ଣା କନ୍ୟା ଭାଗ୍ୟରେ ଥିଲେ ମିଳେ। ଏମିତି କନ୍ୟା ଅଛନ୍ତି, ଯେଉଁମାନେ ଅତ୍ୟନ୍ତ ଗରିବ ଘରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କୁ ବିବାହ କରି ଗୃହକୁ ଆଣିବା ଉଚିତ। ଯେଉଁ କନ୍ୟା ଶ୍ୟାମବର୍ଣ୍ଣଯୁକ୍ତା, ଶରୀର ଅତି ମୋଟା ନୁହେଁ କି ସରୁ ନୁହେଁ, ନାଭୀ ଗଭୀରଯୁକ୍ତା, ସୁନ୍ଦର ସମାନ ଦନ୍ତପନ୍ତି, ମସ୍ତକର କେଶଗୁଡ଼ିକ ଲମ୍ବା ଓ ସୁନ୍ଦର, ଚାଲି ଉତ୍ତମ ଏବଂ ଅତ୍ୟନ୍ତ ସୁଶୀଳ ସେପରି କନ୍ୟା ହୀନ କୁଳ କିମ୍ବା ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସେ କନ୍ୟାକୁ ବିବାହ କରିବା ଉଚିତ। ଯେଉଁ କନ୍ୟାର ଶରୀର ଉଚ୍ଚ ଓ କୋମଳ, ନଖଗୁଡ଼ିକ ତମ୍ବା ପରି ବର୍ଣ୍ଣଯୁକ୍ତ, ପାଦ ଦ୍ୱୟ ସମାନ, ଦୁଇ ଗୋଇଠି ପାଦର ସମାନ ଭାବରେ ଥିବ, ହାତ ଓ ପାଦରେ ଆଙ୍ଗୁଠି ସୁନ୍ଦର ଓ ଲାଗିଥିଲା ପରି ଦିଶୁଥିବ, ପାଦ ତଳ ଏବଂ ହାତ ପାପୁଲି ପଦ୍ମ ଫୁଲର ବର୍ଣ୍ଣ ହୋଇଥିବ। ଏପରି କନ୍ୟା ଅତି ସୁଲକ୍ଷଣା। ସେଭଳି କନ୍ୟା ସହିତ ବିବାହ କଲେ ଧନ, ଐଶ୍ୱର୍ଯ୍ୟ, ଗୋପ, ଲକ୍ଷ୍ମୀ ଏବଂ ଶ୍ରୀବୃଦ୍ଧି ହେବା ସହିତ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ।



## ସାହାଡ଼ା ବୃକ୍ଷ ବିବାହ



ବହୁ ପୌରାଣିକ ଯୁଗରୁ ସାହାଡ଼ା ଗଛକୁ ବିବାହ କରିବା ପ୍ରସଙ୍ଗ ପ୍ରଚଳିତ ହୋଇ ଆସୁଅଛି। ଜଣେ ବ୍ୟକ୍ତି ଦୁଇ ଥର ବିବାହ ପରେ ଯଦି ପତ୍ନୀଙ୍କ ମୃତ୍ୟୁ ହୋଇଥାଏ, ତେବେ ସେ ସାହାଡ଼ା ବୃକ୍ଷକୁ ତୃତୀୟ ଥର ବିବାହ କରିବା ପ୍ରସଙ୍ଗ ଆମ ସଂସ୍କୃତିରେ ପ୍ରଚଳିତ ହୋଇ ଆସୁଛି। ତା' ପରେ ସେ ଚତୁର୍ଥ ବିବାହ କରିବାର ବିଧି ଅଛି।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ସାହାଡ଼ା ସୁନ୍ଦରୀ ଜଣେ ରାଣୀ ଥିଲେ। ସେ ଗୁପ୍ତରେ ମନ୍ତ୍ରୀଙ୍କ ସହ ପ୍ରେମ କରୁଥିଲେ। ଏସବୁ ଜାଣିପାରି ରାଜା ଅଭିଶାପ ଦେଇ କହିଲେ, "ତୁ ବ୍ୟଭିଚାରିଣୀ, ପରପୁରୁଷ ରୂପେ ଜନ୍ମ ଗ୍ରହଣ କରିବୁ। ପତ୍ନୀହୀନ ପୁରୁଷମାନେ ତୋତେ ବିବାହ କରିବେ। ଏ କଥା ଅନ୍ୟଥା ହେବ ନାହିଁ।" ତାହା ହିଁ ହେଲା।

ଦ୍ୱାପର ଯୁଗରେ, ଗାନ୍ଧାର ସେନଙ୍କ କନ୍ୟା ଗାନ୍ଧାରୀ, ଜ୍ୟେଷ୍ଠ ମାସ ଅମାବାସ୍ୟା ରାତ୍ର ସମୟ କୃତ୍ତିକା ନକ୍ଷତ୍ର ଯୁକ୍ତ ବୃଷ ଚନ୍ଦ୍ରରେ ଜନ୍ମ ଗ୍ରହଣ କରିଥିଲେ। ସେଥିପାଇଁ ସେ ଉଆଁସୀ କନ୍ୟା ହେଲେ। ବୟସ ହୁଅନ୍ତେ ଗାନ୍ଧାରୀ ଯାହାକୁ ବିବାହ କରିଲେ ତା'ର ମୃତ୍ୟୁ ହେଲା। ଏମିତି ବାର ସ୍ୱାମୀ ମଲେ। ସାହାଡ଼ା ଏକ ଅଣ୍ଡିରା ବୃକ୍ଷ। ତାହାଠାରୁ ଏକ ପୁତ୍ର ଜନ୍ମ ନେଲା। ଜ୍ୟୋତିଷଙ୍କ ବିଚାର ଅନୁସାରେ ସେହି ଅଣ୍ଡିରା ସାହାଡ଼ା ବୃକ୍ଷକୁ ବରବେଶ କରି ଗାନ୍ଧାରୀଙ୍କ ସହିତ ବିବାହ କରିଦେଲେ। ଗାନ୍ଧାରୀଙ୍କ ସାହାଡ଼ା ବୃକ୍ଷ ସହିତ ବିବାହ ହେବାରୁ ସେ ସାହାଡ଼ା ବୃକ୍ଷ ସଙ୍ଗେ ସଙ୍ଗେ ମରିଗଲା। ଫଳରେ ଗାନ୍ଧାରୀଙ୍କ ରୀଷ୍ଟ ଖଣ୍ଡନ ହୋଇଗଲା। ଆହୁରି ମଧ କୃତ୍ତିକା ନକ୍ଷତ୍ର ଯୁକ୍ତ ବୃଷ ଚନ୍ଦ୍ରରେ ଧୃତରାଷ୍ଟ୍ରଙ୍କ ଜନ୍ମ। ଭଗବାନ ବ୍ୟାସଦେବଙ୍କ ମଧ୍ୟସ୍ଥତାରେ ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କ ବିବାହ ହେଲା। ଗାନ୍ଧାରୀ ଅଙ୍ଗ ସଙ୍ଗରେ ସ୍ୱାମୀଙ୍କୁ ଚାହିଁଲେ ସ୍ୱାମୀଙ୍କ ମୃତ୍ୟୁ ହେବ ଜାଣି ଗାନ୍ଧାରୀ ନିଜ ଚକ୍ଷୁ ଦ୍ୱୟରେ ଅନ୍ଧ ପୁଟୁଳି ବାନ୍ଧିଦେଲେ। ତା'ପରେ ଧୃତରାଷ୍ଟ୍ରଙ୍କ ସହିତ ଅଙ୍ଗ ସଙ୍ଗ କରିବା ଦ୍ୱାରା ତାଙ୍କଠାରୁ ଏକ ଶତ ପୁତ୍ର ଜନ୍ମ ହେଲେ। ଏହି ସବୁ ବିଭିନ୍ନ କାରଣ ଏବଂ ବିଧି ବ୍ୟବସ୍ଥା ଅନୁସାରେ ସ୍ତ୍ରୀହୀନ ପୁରୁଷ ସାହାଡ଼ା ବୃକ୍ଷକୁ ବିବାହ କରିବା ପ୍ରଥା ପ୍ରଚଳିତ ହୋଇ ଆସୁଛି। ଏହା ଦ୍ୱାରା ତାଙ୍କର ସାତ ଜନ୍ମର ପାପ ଖଣ୍ଡନ ହୋଇଥାଏ। ତେଣୁ ପୁରାଣ ଯୁଗରୁ ସାହାଡ଼ା ବୃକ୍ଷକୁ ବିବାହ କରିବା ପ୍ରସଙ୍ଗ ପ୍ରଚଳିତ ହୋଇ ଆସୁଅଛି।



## ବରକନ୍ୟାଙ୍କ ହଳଦୀ ଲଗା

ଜ୍ୟୋତିଷ ଶାସ୍ତ୍ର ମତରେ ବିବାହ ସମୟରେ ହଳଦୀ ଲଗାଇଲେ ମଙ୍ଗଳ ଦୋଷ ଶାନ୍ତି ହୋଇଥାଏ। ଫଳରେ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ। ହଳଦୀ ଲଗାଇବା ଦ୍ୱାରା ଚର୍ମ ରୋଗ ଭଲ ହୁଏ। ଚର୍ମରେ ଥିବା ରୋଗ ଜୀବାଣୁ ମରିଯାଆନ୍ତି। ଚର୍ମ ଉଜ୍ଜ୍ୱଳ ଏବଂ କାନ୍ତିଯୁକ୍ତ ହୁଏ। ଦେହର ଦୁର୍ଗନ୍ଧ ଦୂର ହୁଏ। ବିବାହ ପରେ ବର କନ୍ୟାଙ୍କ ଦୈହିକ ମିଳନ ହୋଇଥାଏ। ସେମାନଙ୍କ ଦେହକୁ ଜୀବାଣୁଶୂନ୍ୟ, ସତେଜ, ନିର୍ମଳ, ଉଜ୍ଜ୍ୱଳ, ସୁଗନ୍ଧିତ ଏବଂ ଆକର୍ଷଣୀୟ କରିବା ପାଇଁ ବିବାହ ପୂର୍ବରୁ ଆମ ସଂସ୍କୃତିରେ ହଳଦୀ ଲଗାଇ ଗାଧୋଇବା ବ୍ୟବସ୍ଥା ଅଛି।





## କନ୍ୟାର ନାଲିଲୁଗା ପିନ୍ଧା

ନାଲି ରଙ୍ଗ ଅତ୍ୟନ୍ତ ସୁନ୍ଦର ଏବଂ ଆକର୍ଷଣୀୟ। ନାଲି ରଙ୍ଗର ତରଙ୍ଗ ଅତି ସୂକ୍ଷ୍ମ ଏବଂ କ୍ଷିପ୍ର। ନାଲି ରଙ୍ଗର ଲୁଗା ଶାରୀରିକ ସୁନ୍ଦରତାକୁ ଢାଙ୍କି ଦିଏ। ନାଲିରଙ୍ଗ ବ୍ୟକ୍ତିକୁ ସତେଜ, ଜାଗ୍ରତ ଏବଂ ସତର୍କ କରାଏ। ନୂତନ ଉତ୍ତେଜନା ଜାଗରଣ ସୃଷ୍ଟି କରେ। ମାନସିକ ସାହସ ଦେଇଥାଏ।

ବିବାହ ପରେ କନ୍ୟା ନବବଧୂରେ ପରିଣତ ହୁଏ। ତେଣୁ ତାଙ୍କୁ ସତର୍କ, ଜାଗରିତ, ସତେଜ, ସଚେତନ କରିବା ପାଇଁ ନାଲିଲୁଗା, ନାଲି ଚୁଡ଼ି, ନାଲି ଅଳତା ଆଦି ବ୍ୟବହାର କରାଯାଏ। ଏହା ଛଡ଼ା ନାଲିରଙ୍ଗ ମୂଳାଧାର ଚକ୍ରକୁ ଜାଗରିତ କରେ। ଲାଲ ରଙ୍ଗ ବ୍ୟବହାର ଦ୍ୱାରା ବିଭିନ୍ନ ପ୍ରକାରର କଫ ରୋଗ ଆରୋଗ୍ୟ ହୁଏ। ଏହିସବୁ ବିଭିନ୍ନ କାରଣରୁ ବିବାହ ସମୟରେ କନ୍ୟା ନାଲି ଲୁଗା ପିନ୍ଧିଥାଏ।



## ବରକନ୍ୟା ପ୍ରଣାମ କରିବା ନିଷେଧ

ପୌରାଣିକ କିମ୍ବଦନ୍ତୀ ଏବଂ ଶାସ୍ତ୍ର ମତରେ ବିବାହ ଦିନ ବର କନ୍ୟା ଲକ୍ଷ୍ମୀ ନାରାୟଣ ରୂପ ଧାରଣ କରିଥାନ୍ତି। ତେଣୁ ତାଙ୍କୁ ଲକ୍ଷ୍ମୀ ନାରାୟଣ ରୂପରେ ସଜାଯାଏ। ଗୋଟିଏ ଦିନ ସେମାନେ ସ୍ୱୟଂ ଭଗବାନ ଲକ୍ଷ୍ମୀ ନାରାୟଣ ରୂପ ଧରନ୍ତି। ଜୀବନରେ ଥରେ ମାତ୍ର ଏହି ବାସ୍ତବ ରୂପ ଧରିବାର ସମୟ ଆସିଥାଏ। ଏହା ଭାଗ୍ୟରେ ଥିଲେ ମିଳେ। ସ୍ୱର୍ଗରେ ସର୍ବ ଦେବଦେବୀ ତାଙ୍କୁ ଆଶୀର୍ବାଦ କରିଥାନ୍ତି। ଏମାନେ ଅନ୍ତର ମଧ୍ୟରେ କୁଳ ଦେବ ଦେବୀଙ୍କ ସହିତ ସର୍ବଦେବ ଦେବୀଙ୍କୁ ପ୍ରଣାମ କରିଥାନ୍ତି ସେମାନେ ସେଦିନ ଅନ୍ୟ କାହାରିକୁ ପ୍ରଣାମ ବା ନମସ୍କାର କରିବା ସମ୍ପୂର୍ଣ୍ଣ ନିଷେଧ।

## ମୁକୁଟ ପିନ୍ଧିବା ପରମ୍ପରା

ବିବାହ ଦିନ ବର କନ୍ୟା ଉଭୟ ସ୍ୱୟଂ ଲକ୍ଷ୍ମୀ ନାରାୟଣ ରୂପ ଧାରଣ କରିବା ସହିତ ରାଜସିକ ବିଧି ବ୍ୟବସ୍ଥା ପାଳନ କରିଥାନ୍ତି। ଆମ ସଂସ୍କୃତି ପରମ୍ପରା ଅନୁସାରେ ବିବାହ ଏକ ରାଜସିକ କର୍ମ। ସାଧାରଣତଃ ରାଜସିକ କର୍ମରେ ଉଭୟ ବର କନ୍ୟାଙ୍କୁ ରାଜାରାଣୀ ରୂପରେ ସଜାଯାଇଥାଏ। ରାଜା ରାଣୀ ମୁକୁଟ ପିନ୍ଧିବାର ପରମ୍ପରା ରହିଥିବାରୁ ବିବାହ ସମୟରେ ଉଭୟ ବର କନ୍ୟା ମୁକୁଟ ପିନ୍ଧିଥାନ୍ତି।



## ବର-ଅଶ୍ୱତ୍ଥ ବୃକ୍ଷ ବିବାହ

ଭାରତୀୟ ସଂସ୍କୃତିରେ ବଟ ବୃକ୍ଷ ହେଉଛନ୍ତି ମାଆ ଲକ୍ଷ୍ମୀ ଠାକୁରାଣୀ ଏବଂ ଅଶ୍ୱତ୍ଥ ବୃକ୍ଷ ହେଉଛନ୍ତି ଭଗବାନ ବିଷ୍ଣୁ। ମହାପୁରୁଷ ଏବଂ ଦେବତାମାନେ ଏହି ବୃକ୍ଷ ମୂଳରେ ବାସ କରିଥାନ୍ତି। ଯୋଗୀ ଋଷି ମୁନିମାନେ ସେଠାରେ ଯୋଗ ସାଧନା କରି ସିଦ୍ଧି ପ୍ରାପ୍ତି ହୋଇଥାନ୍ତି। ନର ନାରୀମାନେ ଭକ୍ତିର ସହିତ ଏହି ବୃକ୍ଷ ପୂଜା କଲେ ମନସ୍କାମନା ପୂରଣ ହୋଇଥାଏ। ବଟ ଏବଂ ଅଶ୍ୱତ୍ଥ ବୃକ୍ଷକୁ ବିବାହ କରାଇଲେ ପୂର୍ବ ଜନ୍ମ ଓ ଇହ ଜନ୍ମ ପାପ କ୍ଷୟ ହୋଇଥାଏ। ଝିଅର ବିବାହ ହୋଇପାରୁ ନ ଥିଲେ ଯଥାଶୀଘ୍ର ଉପଯୁକ୍ତ ପାତ୍ର ସହ ବିବାହ ହୋଇଯାଏ। ସନ୍ତାନମାନଙ୍କର ମଙ୍ଗଳ ହେବା ସହିତ ଦୀର୍ଘାୟୁ ହୋଇଥାନ୍ତି। ଏପରିକି ପରିବାରରେ ସର୍ବବିଧ ମଙ୍ଗଳ ହୋଇଥାଏ। ତେଣୁ ବଟ-ଅଶ୍ୱତ୍ଥ ବୃକ୍ଷକୁ ଏକାନ୍ତ ଭକ୍ତି ନିଷ୍ଠା ଏକାଗ୍ରତାର ସହିତ ନୀତି ନିୟମ ଅନୁସାରେ ବିବାହ କରାଯାଏ।



## ସ୍ତ୍ରୀକୁ ସ୍ୱାମୀ ସିନ୍ଦୂର ଲଗାଇବା ପ୍ରଥା

ପ୍ରାଚୀନ କାଳରେ ଆମ ସମାଜରେ ସ୍ୱୟମ୍ବର ପ୍ରଥା ଥିଲା। ସେତେବେଳେ ନାରୀ ନିଜ ଇଚ୍ଛା ଅନୁସାରେ ବହୁ ପୁରୁଷଙ୍କ ମଧ୍ୟରୁ ଜଣଙ୍କୁ ବରଣମାଳା ପିନ୍ଧାଇ ନିଜର ସ୍ୱାମୀ ରୂପେ ବରଣ କରୁଥିଲା। ସମୟ ଅନୁସାରେ ଏହି ପ୍ରଥା ବଦଳିଲା। ପୁରୁଷ ନିଜ ଇଚ୍ଛା ଅନୁସାରେ ବହୁ ନାରୀଙ୍କ ମଧ୍ୟରୁ ଜଣଙ୍କୁ ସିନ୍ଦୂର ପିନ୍ଧାଇ ନିଜ ସ୍ତ୍ରୀ ରୂପେ ଗ୍ରହଣ କଲା। ଏହି ପ୍ରଥା ଆମ ସମାଜରେ ପ୍ରଚଳିତ ହୋଇ ଆସୁଅଛି। ବିବାହ ବେଦୀରେ ପୁରୁଷ ନିଜ ସ୍ତ୍ରୀକୁ ଶଙ୍ଖା, ସିନ୍ଦୂର ପିନ୍ଧାଇଥାଏ।







## ନବବଧୂ ପାନ ଖାଇବା ବିଧି

ଅଧିକାଂଶ ଲୋକଙ୍କ ଦେହରେ କ୍ୟାଲସିୟମ୍ ଅଭାବ ଥାଏ । ପାନ ଖାଇବା ଦ୍ୱାରା ଏହି ଅଭାବ ପୂରଣ ହୋଇଥାଏ । ପାନ ହେଉଛି ଏକ ହଜମକାରୀ ପତ୍ର । ପାନ ଖାଇଲେ ମୁଖର ଦୁର୍ଗନ୍ଧ ଦୂର ହୁଏ । ପାନରେ ସାମାନ୍ୟ ଚୂନ, ଗୁଆ, ଲବଙ୍ଗ ପକାଯାଏ । ଲବଙ୍ଗ ଦାନ୍ତକୁ ଦୃଢ଼ କରେ । ଗୁଆ କାମଳ ରୋଗ ବିନାଶ କରେ । ହଜମ ଶକ୍ତି ବଢ଼ାଇବା ସହିତ ଉତ୍ତେଜନା ହ୍ରାସ କରିଥାଏ । ପାନର ବହୁ ଔଷଧୀୟ ଗୁଣ ରହିଛି । ନବ ବଧୂ ପାନ ଖାଇଲେ ପରିବାରରେ ସମ୍ପର୍କ ସୁଦୃଢ଼ ଓ ମଧୁର ହୁଏ । ତେଣୁ ବିବାହ ପରେ ନବ ବଧୂ ଖଣ୍ଡିଏ ପାନ ଖାଇଥାଏ ।

ବିବାହର ପ୍ରଥମ ଦିନ ବର କନ୍ୟା ଉଭୟ ସ୍ୱୟଂ ଲକ୍ଷ୍ମୀ ନାରାୟଣ ରୂପ ଧାରଣ କରିଥାନ୍ତି । ବିବାହର ଦ୍ୱିତୀୟ ଦିନ ସେମାନେ ଶିବ ପାର୍ବତୀ ରୂପ ଧାରଣ କରିଥାନ୍ତି ଏବଂ ତୃତୀୟ ଦିନ ସେମାନେ ବ୍ରହ୍ମା ସାବିତ୍ରୀ ରୂପ ଧାରଣ କରନ୍ତି । ତେତ୍ରିଶ କୋଟି ଦେବ ଦେବୀ ତାଙ୍କୁ ପ୍ରତ୍ୟକ୍ଷରେ ଦର୍ଶନ ଦେଇଥାନ୍ତି । ସପ୍ତ ପିତୃପୁରୁଷ, ସପ୍ତ ମାତୃମୟୀ ଏବଂ ପୂର୍ବ ପୁରୁଷମାନେ ଅଶରୀରୀ ଦର୍ଶନ କରିବା ପାଇଁ ଆସିଥାନ୍ତି ବୋଲି ବିଶ୍ୱାସ କରାଯାଏ ।ତେଣୁ ଉକ୍ତ ତିନି ଦିନ ବର କନ୍ୟାଙ୍କର ମିଳନ ହୁଏ ନାହିଁ ।




## ଆମ ସଂସ୍କୃତିରେ ପବିତ୍ର ବିବାହ

ବିବାହ ଏକ ପବିତ୍ର ବନ୍ଧନ । ଯେଉଁ ବନ୍ଧନରେ ସାତ ଜନମ ପର୍ଯ୍ୟନ୍ତ ସାଥୀ ହୋଇଥାନ୍ତି ଦୁଇଟି ଅଜଣା ହୃଦୟ। କିନ୍ତୁ ଆଜିର ପାଶ୍ଚାତ୍ୟ ସଭ୍ୟତା ଭିତରେ ଦୁର୍ବିସହ ଜୀବନ । ବିବାହ ବନ୍ଧନ ଆଜି ସନ୍ଦେହର ବିଷ ବଳୟରେ। ସମ୍ପର୍କ ଆଜି ବାଟବଣା। ସାତ ଜନମକୁ ଦିଆଯାଇଥିବା କଥା ସାତ ଦିନରେ ଭାଙ୍ଗି ଯାଉଛି । ଆମ ସମାଜ ଆମ ସଂସ୍କୃତିକୁ ଭୁଲିଯାଇ ଆମେ ଆଜି ବିଦେଶୀ ସଂସ୍କୃତିକୁ ଆପଣେଇ ନେଇ ନିଜେ ନିଜର ଧ୍ୱଂସର କାରଣ ହୋଇଛି।  ନାହିଁ ଆଜି ଶଗଡ଼ ଗାଡ଼ିର କେଁ କଟର ଶବ୍ଦ। ଶୁଭୁନାହିଁ ଶଗଡ଼ିଆ ଭାଇର ରୂପା ଶଗଡ଼ିରେ ସୁନା କନିଆଁ ଗୀତ। ଶୁଭୁ ନାହିଁ ବିବାହ ହେଉଥିବା ଝିଅର କୋହଭରା ବିବାହ ଗୀତ ।

> ବାରି ବରକୋଳି ପିଲା ଖାଆନ୍ତି ଲୋ ବୋଉ,
> ତୋ କୋଳରେ ଟିକେ ଆଉଜିଥାନ୍ତି ଲୋ ବୋଉ
> ‘ପେଟ ଦରଜ କି ପିଠି ଜାଣିବ ଲୋ ବୋଉ,
> ମୋର ଦରଜ କି ପର ଜାଣିବ ଲୋ ବୋଉ ।”

## ବିବାହକାଳୀନ କାନ୍ଦଣା

ଓଡ଼ିଆ ସାହିତ୍ୟରେ କୁଞ୍ଜବିହାରୀ ଦାଶଙ୍କ ‘ପଲ୍ଲୀଗୀତର କାନ୍ଦଣା ଗୀତ’ ଏବଂ ଚକ୍ରଧର ମହାପାତ୍ରଙ୍କ ‘କାନ୍ଦଣା ଗୀତ’ରେ ଆଗକାଳରେ ବୟସ୍କା ମହିଳାମାନେ ଗାଁ ଗାଁରେ ଝିଅମାନଙ୍କୁ କାନ୍ଦଣା ଶିଖାଉଥିଲେ । ଯଦି ଝିଅଟିଏ ଏହା ଶିଖିବାକୁ ମନା କରୁଥିଲା ତେବେ ତାକୁ ‘ନିର୍ଲଜ’ ବୋଲି ଭତ୍ସନା ମଧ କରାଯାଉଥିଲା । ସେତେବେଳେ ସମାଜରେ କାନ୍ଦଣା ଗୀତ ଓଡ଼ିଆ ଚଳଣିର ଏକ ସାମାଜିକ ପ୍ରଥା ଥିଲା । ସେହି ସମୟରେ କାନ୍ଦଣାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ମିଳୁଥିଲା । ଏହି କାନ୍ଦଣା ଗୀତ କେବଳ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଶୁଣିବାକୁ ମିଳୁଥିଲା । ତେବେ କାନ୍ଦଣା ଗୀତ କେବେ ଆରମ୍ଭ ହୋଇଥିଲା ତାହା ଆଜି ଯାଏଁ ଠିକ୍ ଭାବେ ଜଣା ପଡ଼ିନାହିଁ । ମାତ୍ର ଏହା ଲୋକଗୀତ ଭାବେ ବେଶ୍ ଆଦୃତ ଥିଲା । ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଏହି କାନ୍ଦଣାଗୀତ ବୋଲିବା ପ୍ରଥା ରହିଥିଲା । ଏପରିକି ବିଭିନ୍ନ ପରିବେଶରେ କାନ୍ଦଣା ଭିନ୍ନ ହୋଇଥିଲେ ବି ଝିଅ ବିଦାୟ ବେଳେ କାନ୍ଦଣା ଥିଲା ସବୁଠୁ ହୃଦୟ ବିଦାରକ । ମାତ୍ର ଅନୁମାନ କରାଯାଏ ଆଧୁନିକତା ପ୍ରଭାବରେ ଏହି ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଛି । କାନ୍ଦଣା ବୋଲିବା ପ୍ରଥାଟି ପାଇଁ ବିବାହ କରିବାକୁ ଯାଉଥିବା ଝିଅଟିକୁ ବିଭିନ୍ନ ପ୍ରକାର କାନ୍ଦଣା ଶିଖିବାକୁ ପଡୁଥିଲା । ଅବସର ସମୟରେ ଝିଅମାନେ ନିଜର ମା’, ଜେଜେମା, ଆଈ ପ୍ରମୁଖଙ୍କଠାରୁ ଶୁଣି ଶିଖୁଥିଲେ । ଗାଁରେ ହେଉଥିବା ଯାତ୍ରା ଓ ମେଳା ତଥା ବୁଲାବିକାଳିଙ୍କଠାରୁ ଝିଅମାନେ ‘ଶଶୀଦେଈ’, ‘ଜେମାଦେଈ’ ଆଦି ବହିରୁ ମଧ ଝିଅମାନେ କାନ୍ଦଣା ଶିଖୁଥିଲେ ।







ଶଗଡ଼ ଗାଡ଼ିରେ ବନ୍ଧା ଯାଇଥିବା ଲଣ୍ଠନ ଆଲୁଅରେ ଝଲସି  ଉଠୁଥିବା କୁଆଁରୀ କନିଆଁ ଆଖିରେ ଅସୁମାରୀ ସ୍ୱପ୍ନ, ଆଉ ଆମ ତୋଳା କନିଆଁର କଥା ସବୁ ଆଜି ହଜି ଯାଇଛି । ବିଦେଶୀ ସଂସ୍କୃତି ତଥା ରିଙ୍ଗ୍ ସେରିମନି, ମେହେନ୍ଦି ଭଳି ଅପସଂସ୍କୃତି ଭିତରେ କବଳିତ ଆଜିର ପବିତ୍ର ବନ୍ଧନ । ବିବେକ ଶୋଇଯାଇଛି ଚିରନିଦ୍ରାରେ, ହୃଦୟ କାନ୍ଦୁଛି ଆଜି ଆଖି ଲୁଚେଇ, ଜୀବନ ଖୋଜୁଛି ଜୁଇର ବିଛଣା । ଏଥିପାଇଁ ଦାୟୀ କିଏ ? ଆମେ ନା ଆମ ସମାଜ ? ଆମ ସଭ୍ୟତା ନା ଆମ ସରକାର ? ଉତ୍ତର ଆପଣଙ୍କ ଅସୀର ମସୀରେ । ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ଭଦ୍ରକ, ଓଡ଼ିଶା, ମୋ : ୮୭୬୩୫୪୮୨୦୨



ଜ୍ୟୋତିର୍ବିଦ ଜୟପ୍ରକାଶ ନାୟକ

# ବିବାହ ପାଇଁ ଜାତକ ଗଣନା




**ସନାତନ ଧର୍ମରେ ବିବାହ ଏକ ପବିତ୍ର ବନ୍ଧନ । ଦୁଇଟି ଆତ୍ମାର ମିଳନ । ତେଣୁ ଭାରତୀୟ ପରମ୍ପରାରେ ଉଭୟ ଧାର୍ମିକ ଓ ଆଧ୍ୟାତ୍ମିକ ଦିଗରୁ ବିବାହର ବିଶେଷ ଗୁରୁତ୍ୱ ରହିଛି । ବିବାହକୁ ନେଇ ହିନ୍ଦୁ ଧର୍ମରେ ଅନେକ ମାନ୍ୟତା ରହିଛି । ତନ୍ମଧ୍ୟରୁ ବିବାହ ସମୟରେ ଦାମ୍ପତ୍ୟ ଜୀବନ ସୁଖମୟ ହେବା ପାଇଁ ଜାତକ ମିଳାଯାଇଥାଏ । ରାଶି ମେଳ ନ ଖାଇଲେ ଦାମ୍ପତ୍ୟ ଜୀବନରେ ଝଡ଼ ଆସେ । ଝଡ଼ରୁ ବିଚ୍ଛେଦର ରୂପ ନିଏ । ତେଣୁ ବିବାହ ପୂର୍ବରୁ ଯୁବକଯୁବତୀଙ୍କ ଜାତକ ମେଳଣ ହେଲା ପରେ ବିବାହ ସ୍ଥିରୀକୃତ ହୋଇଥାଏ । ଜାତକ ମେଳକ ସୁଖୀ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର ବୋଲି ବିଶ୍ୱାସ ରହିଛି । ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ଜାତକ ମିଳନ କେତେ ଜରୁରି, ରାଜଯୋଟକ କ'ଣ, ବିବାହ ମେଳ, ମଙ୍ଗଳ ଦୋଷ , ଏହାର ପ୍ରତିକାର କ'ଣ ରହିଛି ତାକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରିପୋର୍ଟ ।**

ବହୁ ପୁରାତନ କାଳରୁ ରାଜାଙ୍କଠାରୁ ପ୍ରଜାଯାଏଁ ଜାତକ ମେଳକ କରି ନିଜର ପୁତ୍ର, ପୁତ୍ରୀଙ୍କୁ ବିବାହ କରି ଆସୁଛନ୍ତି । ଏହା ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ବହୁ ମାତ୍ରାରେ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ବର୍ଗର ଲୋକ ସୁଫଳ ପାଇ ଆସୁଛନ୍ତି । ଏଥିପାଇଁ ଆମ ସମାଜରେ ଜାତକ ମେଳକ କରି ବିବାହ କରାଇବା ବ୍ୟବସ୍ଥା ଭରସାଯୋଗ୍ୟ ହୋଇ ଆସିଅଛି । ସେଥିମଧ୍ୟରୁ କୋଷ୍ଠୀ ପ୍ରସ୍ତୁତ କରି ନ ଥିବା କିଛି ବ୍ୟକ୍ତି ବିଶେଷ ନିଜର ଜନ୍ମକୋଷ୍ଠୀ କିମ୍ବା ଜାତକ ନାମ ପରିବର୍ତ୍ତେ ଘର ଲୋକେ ନାମକରଣ କରିଥିବା ନାମ ରାଶିରୁ ମେଳକ ବିଚାର କରି ବିବାହ କରିବା, ଶାସ୍ତ୍ର ସମ୍ମତ ନୁହେଁ । ଏଣୁ ପରବର୍ତ୍ତୀ ସମୟରେ ଦାମ୍ପତ୍ୟ କଷ୍ଟ ଦେଖାଦେବାରୁ ଶାସ୍ତ୍ର ଓ ଜ୍ୟୋତିର୍ବିଦଙ୍କୁ ଦୋଷ ଦେବାର ଦେଖାଯାଏ । ବୁଝିବା ଆବଶ୍ୟକ ଯେ, ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏ ଚତୁବର୍ଗ ଫଳ ପ୍ରାପ୍ତି ନିମନ୍ତେ ସ୍ତ୍ରୀ ଏକ ମାତ୍ର କାରଣ ଅଟେ । ଏଣୁ ପତ୍ନୀ ଗ୍ରହଣ କରିବାକୁ ହେଲେ, ବିବାହ ପୂର୍ବରୁ ସ୍ତ୍ରୀର ଶୁଭାଶୁଭ ଲକ୍ଷଣ ଜାଣିବା ଏକାନ୍ତ ଆବଶ୍ୟକ । ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗିନୀ, ଗ୍ରାହସ୍ଥ୍ୟର ସମ୍ପଦ ଓ ଆପଦ ବିପଦର ସହାୟକ ଅଟେ । ବିପଥଗାମୀ ସ୍ୱାମୀଙ୍କୁ ସତ୍‌ପଥକୁ ଆଣିବାର ଗୁଣବତୀ ସ୍ତ୍ରୀଙ୍କ ଦ୍ୱାରା ସମ୍ଭବ ହୋଇପାରିଥାଏ । ଏଣୁ ସ୍ତ୍ରୀର ଭୂମିକା ସ୍ୱାମୀ ନିକଟରେ ଯଥେଷ୍ଟ । ସ୍ୱାମୀଙ୍କ ବିପଦ ସମୟରେ ମନ୍ତ୍ରୀପରି ବୁଦ୍ଧି, ସେବା ସମୟରେ ଭଗ୍ନି ସ୍ୱରୂପା, ଭୋଜନ ସମୟେ ଜନନୀ ସଦୃଶ, ରତି ସମୟେ ଉର୍ବଶୀ ଓ ମେନକାଙ୍କ ପରି ସ୍ୱାମୀଙ୍କ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିଟି ପତ୍ନୀ ହୋଇଥାଏ । ଏଣୁ ସଠିକ୍ ଜାତକ, ବିଜ୍ଞ ଗ୍ରହ ବିପ୍ରଙ୍କ ଦ୍ୱାରା ଜାତକ ମେଳକ କରି ବିବାହ କରାଇଲେ ସୁଖମୟ ଦାମ୍ପତ୍ୟ ଜୀବନ ମିଳିଥାଏ ।



## ରାଜଯୋଟକ

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାଶି ମାଧ୍ୟମରେ ଜଣେ ବ୍ୟକ୍ତିର ସ୍ୱଭାବ, ବ୍ୟକ୍ତିତ୍ୱ ଓ ଅଭ୍ୟାସ ସମ୍ପର୍କରେ ବିସ୍ତୁତ ଭାବେ ଜାଣିହୁଏ । ରାଶି ମାଧ୍ୟମରେ ବ୍ୟକ୍ତିର ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ ସମ୍ପର୍କିତ ସୂଚନା ମିଳିପାରେ । ସେହିପରି ରାଶି ଆଧାରରେ ଅନ୍ୟଜଣଙ୍କ ଗୁଣ ଓ ଦୋଷ ବିଷୟରେ ଜଣାପଡ଼େ । ଏହାକୁ ପାଥେୟ କରି ବର, କନ୍ୟା ଉଭୟଙ୍କ ରାଶି ନକ୍ଷତ୍ରକୁ ପାଥେୟ କରି ତାର, ଚନ୍ଦ୍ର, ବନ୍ଧ, ବର୍ଣ୍ଣ, ମଣ୍ଡଳ, ଭବନାଧିଶଃ, ନାଡ଼ୀ, ଜାତି, ସ୍ୱର ଓ ବର୍ଗ ଏହି ୧୦ ପ୍ରକାର ମେଳକ ବିଚାର କରାଯାଏ । ତନ୍ମଧ୍ୟରୁ ୩ୟ ଓ ୧୧ଦଶ, ୪ର୍ଥ ଓ ୧୦ମ, ସମସପ୍ତମ ହେବା ସହିତ ନାଡ଼ୀ, ଗଣ, ମଣ୍ଡଳ, ବର୍ଣ୍ଣ, ଭବନାଧିଶ, ଅନୁକୂଳ ହୋଇଥିବ । ଜନ୍ମଜାତକରେ ମଙ୍ଗଳଦୋଷ ନଥିବ, ସପ୍ତମାଧିଶ ଶୁଭ ହୋଇଥିଲେ, ଏହାକୁ ଉତ୍ତମ ରାଜଯୋଟକ ବୋଲି କୁହାଯାଏ ।



ମେଷ-ଧନୁ, ବୃଷ-ବିଛା, ମିଥୁନ-ସିଂହ, ତୁଳା,କୁମ୍ଭ, କର୍କଟ- ବୃଷ, ମୀନ ଓ ବିଛା, ସିଂହ- ତୁଳା, ଧନୁ, ମିଥୁନ ରାଶି ସହିତ ସଂଯୋଗ ହେଲେ ବୈବାହିକ ଜୀବନ ଶାନ୍ତିପୂର୍ଣ୍ଣ ହୋଇଥାଏ । ବିଛା ସହିତ ବୃଷ, କର୍କଟ ଓ ମୀନ । ଧନୁ ସହିତ ମେଷ, ସିଂହ ଓ ତୁଳା, ମକର ରାଶି ସହିତ କର୍କଟ, ବୃଷ ଓ କନ୍ୟା ସବୁଠୁ ଭଲ ପଡ଼ିଥାଏ ।

ଅନ୍ୟପଟେ ମକର-ମେଷ, ମୀନ-ମିଥୁନ, ମେଷ-ମକର, ବୃଷ-ସିଂହ, ମିଥୁନ-ମକର, କର୍କଟ-ତୁଳା, ଧନୁ-କନ୍ୟା, ସିଂହ-ବିଛା, ତୁଳା-କର୍କଟ, ମକର ମଧ୍ୟରେ ବିବାହ କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇନଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ଗଣନା କରି କହିଥାନ୍ତି । ଏଣୁ ଉତ୍ତମ ରାଜଯୋଟକ ସହିତ ଶୁଭ, ବର୍ଷ, ମାସ, ତିଥି, ନକ୍ଷତ୍ରରେ ବିବାହ କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ।

## ମଙ୍ଗଳଦୋଷ ଓ ପ୍ରତିକାର



ବିବାହ ମେଳକରେ ମଙ୍ଗଳଦୋଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଜନ୍ମଜାତକରେ ଲଗ୍ନ, ଚତୁର୍ଥ, ସପ୍ତମ, ଅଷ୍ଟମ ଓ ଦ୍ୱାଦଶରେ ମଙ୍ଗଳ ଅବସ୍ଥାନ କଲେ ମଙ୍ଗଳ ଦୋଷ ହୁଏ । ତତ୍‌ସହିତ ଯଦି କ୍ରୂର କିମ୍ବା ଶତ୍ରୁ ଗ୍ରହଙ୍କ ଯୁକ୍ତି କିମ୍ବା ଦୃଷ୍ଟି ହୁଏ, ଦାମ୍ପତ୍ୟ ଜୀବନ ଦୁଃଖ, କଷ୍ଟ ଦେଇ ଗତି କରିଥାଏ । ମଙ୍ଗଳ ଅଧିକ ଅଶୁଭ ହେଲେ ବୈଧବ୍ୟତା ମଧ୍ୟ ଦେଇଥାଏ । ଏଣୁ ଜନ୍ମଜାତକରେ ମଙ୍ଗଳ ଦୋଷ ରହିଲେ କାର୍ତ୍ତାୟନୀ ପୂଜା, ବଗଳାମୁଖୀ ପୂଜା, ଗ୍ରାମ ଦେବତୀ ପୂଜା,



ଗ୍ରହଦାନ, ରତ୍ନଧାରଣ ପରି ଅନେକ ପ୍ରତିକାର ରହିଛି । ଜନ୍ମଜାତକର ମଙ୍ଗଳଦୋଷର ପ୍ରତିକାର ବିଜ୍ଞ ଗ୍ରହ ବିପ୍ରଙ୍କ ଦ୍ୱାରା କରାଇ ବିବାହ କରାଇଲେ ମଙ୍ଗଳଦୋଷ ଖଣ୍ଡନ ହୋଇ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ । ତେଣୁ ବିବାହ ପୂର୍ବରୁ ଯୁବକଯୁବତୀଙ୍କ ଜାତକ ମେଳକର ଆବଶ୍ୟକତା ରହିଛି । ■

ଦେଉଳସାହି, ରାଜକନିକା, କେନ୍ଦ୍ରାପଡ଼ା



ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁ



# ଜନଜାତି ବିବାହ

ଜନଜାତି ମଧ୍ୟରେ ବହୁବିବାହ ସାଧାରଣ କଥା। ଜଣେ ପୁରୁଷ ଏକାଧିକ ପତ୍ନୀ ରଖିପାରନ୍ତି। ଜନଜାତିରେ ଛାଡ଼ପତ୍ର ଅନୁମତି ପ୍ରାପ୍ତ। ବିଧବା ବିବାହ ବି ସ୍ୱୀକୃତିପ୍ରାପ୍ତ। ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ସାନ ଭାଇଙ୍କୁ ବିବାହ କରିପାରିବେ। ସେହିପରି ପତ୍ନୀ ମୃତ୍ୟୁ ପରେ ପତ୍ନୀଙ୍କ ଭଉଣୀଙ୍କୁ ବିବାହ କରିପାରେ। କିନ୍ତୁ ଯଦି ସେ ଅନ୍ୟ କୌଣସି ପୁରୁଷଙ୍କୁ ବିବାହ କରିବାକୁ ଚାହାଁନ୍ତି, ତେବେ ମୃତ ପରିବାର ଓ ଗୋଷ୍ଠୀର ଅନୁମତିରେ ବାହା ହୋଇପାରିବେ। ସାଧାରଣତଃ ଜନଜାତି ସମୁଦାୟରେ ବିଭିନ୍ନ ପ୍ରକାର ବିବାହ ପ୍ରଥା ପ୍ରଚଳିତ। ଗୋଷ୍ଠୀ ଭିତ୍ତିରେ ଏହାର ପ୍ରକାର ଭେଦ ରହିଛି। ତେବେ ସାଧାରଣତଃ ସହମତି ବିବାହ, ଛାଡ଼ପତ୍ର ବିବାହ, ଝିଙ୍କା ବିବାହ, ବିଧବା ବିବାହ, ବିନିମୟ ବିବାହ, ଉଦଲିଆ, ପଇସା ମୁଣ୍ଡି ଭଳି ବିବାହ ପ୍ରଚଳିତ। ଜନଜାତିରେ ସମାଜରେ ବହୁବିବାହ ପ୍ରଚଳିତ, କିନ୍ତୁ ମହିଳାମାନଙ୍କର ସ୍ଥାନ ବହୁତ ଉଚ୍ଚ। ଜନଜାତିରେ ମହିଳାମାନଙ୍କର ଏକ ବିଶେଷ ଗୁରୁତ୍ୱ ଅଛି। ଆର୍ଥିକ କାର୍ଯ୍ୟକଳାପରେ ମହିଳାମାନଙ୍କ ପ୍ରମୁଖ ଭୂମିକା ରହି ଆସିଛି। ମହିଳାମାନେ ଏକ ଆର୍ଥିକ ସଂପତ୍ତି ହୋଇଥିବାରୁ ସେମାନଙ୍କୁ ଦାସୀ ଭାବରେ ବ୍ୟବହାର କରାଯାଏ ନାହିଁ। କ୍ଷେତରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ କାମ କରନ୍ତି ଓ ପରିଶ୍ରମୀ। ସେମାନେ ସମସ୍ତ ଘରକାମ ପିଲାମାନଙ୍କୁ ଲାଳନପାଳନ ଏବଂ ଖାଦ୍ୟ ପ୍ରସ୍ତୁତ କରନ୍ତି। ଫଳସ୍ୱରୂପ ମହିଳାମାନେ ପର୍ବପର୍ବାଣି ଏବଂ ସମାରୋହରେ ସମାନ ସ୍ଥାନ ପାଆନ୍ତି। କେବଳ ସେତିକି ନୁହଁ, ବାହା ଘର ବେଳେ ଜନଜାତି କନ୍ୟାର ମତାମତ ଅଧିକ ଗ୍ରହଣ କରାଯାଏ। ଅଧିକାଂଶ ଗୋଷ୍ଠୀରେ ଜନଜାତି କନ୍ୟାର ମତାମତ ବିରୋଧରେ ବାହାଘର ହୁଏନି। ଝିଅ ରାଜି ହେଲେ ବିବାହ ଦେବାକୁ ପିତାମାତା ସମ୍ମତି ଦିଅନ୍ତି। ଝିଅଟି କୌଣସି ନିର୍ଦ୍ଦିଷ୍ଟ ପୁଅକୁ ବିବାହ କରିବାକୁ ମନା କରିବାର ସ୍ୱାଧୀନତା ମଧ୍ୟ ଉପଭୋଗ କରେ କିମ୍ବା ସେ ଅନ୍ୟ କାହାକୁ ପସନ୍ଦ କରିପାରେ। ଛାଡ଼ପତ୍ର ଏବଂ ବିଧବା ପୁନଃବିବାହର ପ୍ରଥା ମଧ୍ୟ ଏହି ଦୃଷ୍ଟିକୋଣରୁ ବେଶ ଦୃଢ଼। ଏଥିପାଇଁ ଝିଅ ଘରକୁ ପୁଅ ପକ୍ଷରୁ ଝଲା ଦିଆଯାଏ। ଏଥିରେ ଚାଉଳ, ଶସ୍ୟ, ଟଙ୍କା, ମଦ, ଛେଳି, ଗୋରୁ, ପୋଷାକ ଭଳି କେତେକ ଜିନିଷକୁ ନେଇ ମୁଲଚାଲ ହୁଏ। ଝଲା ଟଙ୍କାରେ ରାଜି ହୋଇଗଲେ ବାହାଘର ସମ୍ଭବ ହୁଏ। ତେଣୁ ଜନଜାତି ବାହାଘରରେ କନ୍ୟାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କନ୍ୟା ମୂଲ ନ ଦେବାକୁ ସକ୍ଷମ ଥିଲେ ବର ପିଲା କ୍ଷତିପୂରଣ ବାବଦକୁ ଶ୍ୱଶୁର ଘରେ ସେବା କରେ। ଘର ଜ୍ୱାଇଁଆ ଭଳି ରହି କନ୍ୟା ମୂଲ ବଦଳରେ ଶ୍ରମ ଦାନ କରେ। ବିନିମୟ ପ୍ରଥାରେ ଉଭୟପକ୍ଷର ପୁଅଝିଅ ପରସ୍ପର ଅଦଳବଦଳ ହୋଇ ବାହା ହୁଅନ୍ତି। ନପୁଂସକତା କିମ୍ବା ବନ୍ଧ୍ୟାତା ହେଉଛି ଛାଡ଼ପତ୍ରର ଗୃହୀତ କାରଣ। ବହୁବିବାହର ମୌଳିକ ଆର୍ଥିକ ଆଦର୍ଶ ହେଉଛି ଚାଷ ପାଇଁ ଅତିରିକ୍ତ ହାତ ପାଇବା। ତେବେ ସମ ବଂଶରେ ବାହାଘର ଜନଜାତିରେ ନିଷେଧ। ଏହାକୁ ଗର୍ହିତ ଅପରାଧ ବୋଲି ବିବେଚନା କରାଯାଏ।



## ବିବାହ ପ୍ରଥା

ସଉରା ବିବାହ ସର୍ବଦା ସରଳ। କିନ୍ତୁ ବୟସ୍କମାନଙ୍କ ମାଧ୍ୟମରେ ହୋଇଥାଏ। ଲାଞ୍ଜିଆ ସଉରାମାନଙ୍କ ମଧ୍ୟରେ ତିନି ପ୍ରକାରର ବିବାହ ପ୍ରଚଳିତ । ଏଗୁଡ଼ିକ ହେଉଛି ଝିଙ୍କା ବିବାହ , ବ୍ୟବସ୍ଥା ଦ୍ୱାରା ବିବାହ ଏବଂ ସେବା ଦ୍ୱାରା ବିବାହ କିମ୍ବା ପ୍ରେମ ବିବାହ।

ସଉରାମାନଙ୍କ ମଧ୍ୟରେ କୌଣସି ଧାଙ୍ଗଡ଼ାବସା ଏବଂ ଧାଙ୍ଗିଡି ବସା ବ୍ୟବସ୍ଥା ନାହିଁ। ବିବାହ ଉତ୍ସବ ସମ୍ପ୍ରଦାୟର ପୁରୋହିତଙ୍କ ଦ୍ୱାରା ସମ୍ପାଦିତ ହୁଏ । କନ୍ଧ ସଂପ୍ରଦାୟର ବିବାହ ପ୍ରଥାକୁ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ସଂପ୍ରଦାୟର ଶ୍ରେଷ୍ଠ କର୍ମ ବୋଲି ଲୋକମାନଙ୍କର ଧାରଣା। ପୁଅ କିମ୍ବା ଝିଅର ବାହାଘର ପୂର୍ବରୁ ଦୁଇ ଘରର ଲୋକ ଉଭୟ ଉଭୟଙ୍କ ପରିବାର ସମ୍ପର୍କ ଅଛି ନାଁ ନାହିଁ ଏବଂ ଯିଏ ଭଲ ପରିବାର ହୋଇଥାଏ ତେବେ ପୁଅ ଘର ବାପା, ମାଆ ପରିବାର ଲୋକ ମିଶି ପୁଅ ପାଇଁ କନ୍ୟା ଖୋଜିବାକୁ ବାହାରନ୍ତି। କନ୍ୟା ଓ ପୁଅର ରାଶି ମିଳନ କରନ୍ତି। ପ୍ରସ୍ତାବ ଠିକ୍ ହେବାର ଯୋଗ ରହିଛି ବୋଲି ହୃଦବୋଧ କଲେ ଉଭୟ ପରିବାର ବିବାହ ପାଇଁ ରାଜି ହୋଇଯାଆନ୍ତି। ପରେ ଝଲା ତାବୁ (କନ୍ୟାସୁନା)ର ଆଲୋଚନା ହୁଏ ଏବଂ କନ୍ୟାର ବାପା ଝଲା ଟଙ୍କା କଥା କୁହେ। ତା'ପରେ ବିଭା ଘର ହୁଏ। ଯଦି ପୁଅ ଓ ଝିଅଙ୍କ ରାଶି ଉଭୟ ଏକା ରାଶି ହୋଇଥିଲେ ଗୋଟିଏ ବଂଶଧର ବୋଲି ଧରାଯାଏ ଏବଂ ଉଭୟ ପୁଅ ଓ ଝିଅ ଭାଇ ଭଉଣୀ ଲେଖାକୁ ଆସେ, ତେଣୁ ବିବାହ ହୁଏ ନାହିଁ ।

## ବିବାହ ପାଇଁ ଶାସ୍ତି

ଏକାବଂଶରେ ବାହା ଘର ହେଲେ କନ୍ଧ ସଂପ୍ରଦାୟରେ କଠୋର ଶାସ୍ତି ବିଧାନ ରହିଛି। ଏକା ବଂଶ (କୁଡ଼ା) ରେ ବିବାହ ନିଷେଧ। ଏହା ସତ୍ତ୍ୱେ ଯଦି କେହି ବିଭା ହୁଅନ୍ତି ତେବେ ସମାଜର ନିୟମ ଅନୁସାରେ ଗାଁ ଦାଣ୍ଡରେ କିମ୍ବା ଜମିରେ ଉଭୟ ପୁଅଝିଅଙ୍କୁ ବଳଦ ପରି କରି ହଳ କରାଯାଏ । ବଂଶ ଲୋକ ମୁଣ୍ଡନ ହୋଇ ଭୋଜି ଦେଇ ଜାତିରେ ମିଶିବା ପ୍ରଥା ରହିଛି। ଏଭଳି ଅସଂଗତି ହେଲେ ପୁଅ ଝିଅକୁ ଭାଇ ଭଉଣୀ ବୋଲି ଧରି ନେଇଥାନ୍ତି। ତେଣୁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ।









# ବିବିଧ ଜନଜାତି ବିବାହ

ଓଡ଼ିଶାର ବିଭିନ୍ନ ଜନଜାତି ଗୋଷ୍ଠୀରେ ନିମ୍ନଲିଖିତ ବିବାହ ପ୍ରଥା ପ୍ରଚଳିତ । ଏଥିରୁ କେତକ ବନ୍ଦ ହୋଇ ଯାଇଥିବାବେଳେ ଏବେ ବି ଅନେକ ବିବାହ ପ୍ରଥା ପ୍ରଚଳିତ ରହିଛି ।

## ମାଙ୍ଗନି ବିଭା

ପୁଅକୁ ଝିଅ ଓ ଝିଅକୁ ପୁଅ ଆଗରୁ ଦେଖାଦେଖି ହେବେ । ପୁଅର ମନକୁ ଗଲେ ତା'ର ବାପା ମାଆ ଝିଅ ଘରକୁ ଲାନ୍ଦା (ମାଣ୍ଡିଆରେ ପ୍ରସ୍ତୁତ ପାନୀୟ) ଏକ ହାଣ୍ଡି, ଚାଉଳ ମାଣେ ନେଇ ପହଞ୍ଚେ ।  କନ୍ୟାଘର ଉକ୍ତ ବରକୁ କନ୍ୟା ଦେବାକୁ ଇଚ୍ଛା କଲେ ମିଳିମିଶି ମଦ ପିଅନ୍ତି । ବରର ବାପା ମାଆ ବନ୍ଧୁବାନ୍ଧବ କନ୍ୟାଘରକୁ ତିନି ବର୍ଷ ପର୍ଯ୍ୟନ୍ତ ଯିବାକୁ ପଡ଼େ । ତା'ପରେ ଯାଇ ବାହାଘର ହୁଏ ।

## ସକର୍ତ୍ତା ବିଭା

ଜଣେ ସ୍ତ୍ରୀ ପ୍ରଥମ ସ୍ୱାମୀକୁ ଛାଡ଼ି ଦ୍ୱିତୀୟ ସ୍ୱାମୀକୁ ବାହା ହେଲେ, ପ୍ରଥମ ସ୍ୱାମୀ ତା'ର ଲୋକବାକଙ୍କ ସହିତ ଯାଇ ଦ୍ୱିତୀୟପକ୍ଷ ସ୍ୱାମୀଠାରୁ ସେ ଦେଇଥିବା ଝଲାର ଟଙ୍କା ବା ଗାଈଗୋରୁଙ୍କ ମୂଲ୍ୟର ଦୁଇଗୁଣା ଟଙ୍କା ଆଦାୟ କରିଥାଏ ।  ଏହି ଟଙ୍କାକୁ ସକର୍ତ୍ତା କୁହାଯାଏ  ।  ଗଦବା ସଂପ୍ରଦାୟରେ ସକର୍ତ୍ତା ବିବାହ ପ୍ରଚଳିତ ଅଛି । ତେବେ ପ୍ରଥମ ସ୍ୱାମୀ ଭଲ ଦେଖୁ ନଥିଲେ ବା ତାକୁ ନିର୍ଯାତନା ଭଳି ବ୍ୟବହାର କରୁଥିଲେ, ସେଭଳି ପରିସ୍ଥିତିରେ ସ୍ତ୍ରୀ ଅନ୍ୟ ସ୍ୱାମୀକୁ ଗଲେ ସେ କୌଣସି ଝଲା ଦେବାକୁ ପଡ଼ି ନଥାଏ ।

## ଉଦୁଲିଆ ବିବାହ

ଯଦି ଜଣେ ଯୁବକ ଓ ଯୁବତୀର ମନ ମିଶିଲା । ତାହାହେଲେ ଯୁବତୀ ଜଣକ ସ୍ୱଇଚ୍ଛାରେ ଘରର କାହାକୁ ନ ଜଣାଇ ସ୍ୱାମୀ ଘରକୁ ଲୁଚି ଛପି ଚାଲିଯାଏ । ଏହାକୁ 'ଉଦୁଲିଆ' ଗଲା ବୋଲି କହନ୍ତି । କନ୍ୟା ହାଟରୁ, ବାଟରୁ, ଯାତ୍ରାରୁ, ଘରୁ, ଜଙ୍ଗଲରୁ ଲୁଚି କରି ସ୍ୱାମୀ ଘରକୁ ଚାଲିଯାଏ । ବେଳେବେଳେ ଝିଅର ଇଚ୍ଛା ନ ଥିଲେ ବି ପୁଅପକ୍ଷ ଜୋର୍ ଜବରଦସ୍ତ ତା'କୁ ଟାଣି ନେଇଯାଇଥାଆନ୍ତି ବାହା ହେବା ପାଇଁ । ତା' ପରେ ଗହଳି ହୁଏ । ସମାଜ ବସି ସମାଧାନ କରନ୍ତି । ପରେ ବିବାହ ହୁଏ ।

## ବିଧବା ବିବାହ

ବିଧବା ବିବାହ ।  ଯଦି କୌଣସି ସ୍ତ୍ରୀର ସ୍ୱାମୀ ମରିଯାଏ । ତେବେ ସେ ବିଧବା  ହୋଇଗଲା ବୋଲି କୁହାଯାଏ । ସେ ପୁନର୍ବାର ଆଉ ଜଣେ ସ୍ୱାମୀକୁ ବିବାହ କଲେ ତା'କୁ ବିଧବା ବିବାହ କୁହାଯାଏ । ଗଦବା କୁଳରେ ବିଧବା ବିଭା ପ୍ରଚଳିତ । ତେବେ ଗଦବା ସମେତ ଆଉ କିଛି ଜନଜାତି କୁଳରେ ବିଧବା ହେବା ପରେ ପ୍ରଥମ ଅଧିକାର ହେଉଛି ତା'ର ମୃତସ୍ୱାମୀଙ୍କ ସାନଭାଇ ଅର୍ଥାତ୍ ଦିଅରର । ଦିଅର ବାହା  ନହେଲେ ସେ ଅନ୍ୟକୁ ବାହା ହେବାରେ ସମସ୍ୟା ନ ଥାଏ ।

## ପଇସା ମୁଣ୍ଡି

ଯଦି ଜଣେ ଯୁବତୀ ଏକତରଫା ଭାବେ ଜଣକୁ ବାହା ହେବ ବୋଲି ଜୋର୍ ଜବରଦସ୍ତ ବର ଘରକୁ ପଶିଯାଏ ଏବଂ ତା'କୁ ସମ୍ପୃକ୍ତ ଯୁବକ ନିଜର ସ୍ତ୍ରୀ ଭାବେ ସ୍ୱୀକାର କରେ । ଗୋଟିଏ ସ୍ତ୍ରୀ ଥାଇ ବି ସମ୍ପର୍କୀୟଙ୍କୁ କିଛି ପଇସା ଦେବାକୁ ନ ପଡ଼ି ଜାଣିଶୁଣି ଦ୍ୱିତୀୟା ସ୍ତ୍ରୀ ଭାବେ ରହନ୍ତି । କେତେକ ଯୁବତୀ ଜଣେ ଯୁବକ ପ୍ରତି ଆକୃଷ୍ଟ ହୋଇ ତା' ଘରକୁ ଚାଲିଯାଆନ୍ତି । ଏହିଭଳି ବିଭାକୁ 'ପଇସାମୁଣ୍ଡି' ବିବାହ ବୋଲି କୁହାଯାଏ  ।

## ବିନିମୟ ବିବାହ

କେତେକ ଜନଜାତିରେ ବିନିମୟ ବିବାହ ପ୍ରଥା ରହିଛି । ଉଭୟ ପକ୍ଷଙ୍କ ପୁଅ ଝିଅ ପରସ୍ପର ବିନିମୟ ଜରିଆରେ ଜଣକର ଭଉଣୀ ଆର ଜଣକୁ ବାହା ହୁଏ । ଏଥିପାଇଁ ଉଭୟ ପକ୍ଷର ସହମତି ରହେ । ଝଲା ଟଙ୍କା ଦେବାକୁ କାହାରିକୁ ପଡ଼େନି । ପରସ୍ପର ଆଲୋଚନା ମଧ୍ୟରେ ଉଭୟ ପକ୍ଷର ବାହାଘର ରୀତିନୀତି ଅନୁସାରେ ସଂପନ୍ନ ହୋଇଥାଏ । ବିଶେଷକରି ଆର୍ଥିକ ଦିଗରେ ପଛୁଆ ଜନଜାତି ପରିବାର ଏଥିପ୍ରତି ସମ୍ମତି ଦେଇଥାନ୍ତି ।

## ଘରଜୋଇଁ ବିବାହ

ଜନଜାତି କୁଳରେ ଘରଜୋଇଁଆ ରଖିବା ପ୍ରଥା ବି ପ୍ରଚଳିତ । ଯେଉଁ କନ୍ୟାପିତାର ପୁଅ ନ ଥାଏ ଅଥଚ ଗୋଟିଏ ବୋଲି ଝିଅ ଥାଏ, ସେ ନିଜ କୁଳର ଏକ ଗରିବ ଘରର ପୁଅ ଖୋଜି ଖୋଜି ନିଜ ଘରେ ଘରଜୋଇଁ କରି ରଖେ । ପୁଅର ବାପା ପୁଅ ସହିତ ସମ୍ବନ୍ଧି ଘରକୁ ଯାଇ ପୁଅକୁ ଛାଡ଼ି ଆସନ୍ତି । ସେଇଠି ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ ଘରଜୋଇଁ ହୋଇ ଶ୍ୱଶୁର ଘର ଯାବତୀୟ କାର୍ଯ୍ୟ କରେ । କିନ୍ତୁ ଝିଅ ସହିତ କୌଣସି ସମ୍ପର୍କ ନ ଥାଏ । ଏହି ତିନି ବର୍ଷ ଭିତରେ ଶ୍ୱଶୁର ଜୋଇଁର କାର୍ଯ୍ୟରେ ସନ୍ତୁଷ୍ଟ ଏବଂ ଝିଅର ମନ ଉକ୍ତ ଘରଜୋଇଁ ପ୍ରତି ଆକୃଷ୍ଟ ହେଲେ ଯାଇ ବିବାହ ଅନୁଷ୍ଠିତ ହୁଏ । ନଚେତ୍ ବିବାହ ହୁଏନି । ଯଦି ଏହି ସମୟ ଭିତରେ ଝିଅ ଯଦି ଆଉ କୌଣସି ଯୁବକ ସହିତ ବାହା ହୋଇ ପଳାଏ, ତେବେ ଶ୍ୱଶୁର ଯେତେଦିନ ତାଙ୍କ ଘରେ ଘରଜୋଇଁ ଖଟିଛି ତାହାର ମଜୁରି ହିସାବ କରି ଜୋଇଁକୁ ଦେଇ ତା'ର ନିଜ ଘରକୁ ପଠାଇ ଦିଏ ।

## ବାଟ ବିବାହ

ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାର ବିବାହ । ତିନିଛକିଆ ବାଟ, ମାଟିଆ ଜନଜାତିଙ୍କ ଭାଷାରେ 'ଡେଲାବାଟ'ରେ ଏହି ବିବାହ ହେଉଥିବାରୁ ଏହାକୁ ବାଟ ବିବାହ ବୋଲି କୁହାଯାଏ । ଯେଉଁ ଦମ୍ପତିଙ୍କର ପୁଅ କିମ୍ବା ଝିଅ ହେଉ ନ ଥାଆନ୍ତି କିମ୍ବା ଜନ୍ମ ହୋଇ କରି ମରି ଯାଉଥାଆନ୍ତି, ସେମାନଙ୍କ ବେକରେ ଦିଶାରୀ ଆସି ସୂତା ବାନ୍ଧି ଥାଏ ଏବଂ ସହଣିକ କରିଥାଏ ।  ଏମାନଙ୍କର ପୁଅ ବା ଝିଅ ଜନ୍ମ ହୋଇ ବଞ୍ଚିଲେ ତାକୁ ତିନି ବର୍ଷ ବୟସ ହେଲେ ବାଟ ବିଭା କରିବେ ବୋଲି କହିଥାଆନ୍ତି । ତେଣୁ ସେମାନେ ବାଟରେ ବିବାହ ହୋଇଥାଆନ୍ତି ।







## ଝିକାଟଣା ବିବାହ

ବୟସ୍କା କନ୍ୟାମାନଙ୍କ ବିବାହରେ ବର ପ୍ରଥମେ ତା' ପସନ୍ଦ ମୁତାବକ କନ୍ୟା ବାଛିଥାଏ । କନ୍ୟା ପସନ୍ଦକୁ ଆସିବା ପରେ ପରେ ପରିବାରର କେତେକ ଲୋକଙ୍କୁ ଓ ନିଜର ବନ୍ଧୁ ତଥା ସାଙ୍ଗ ସାଥୀମାନଙ୍କୁ ନେଇ ପୁଅଟି କନ୍ୟା ଗୃହକୁ ଯାଏ । ଗଲାବେଳେ ସାଥୀରେ ଗୋଟିଏ ମଦଡ଼ାବା, ଗୋଟିଏ ତୀର ଓ କନ୍ୟାର ମାଆ ନିମନ୍ତେ ଗୋଟିଏ ଖଡୁ ନେଇଥାଏ । କନ୍ୟାର ଦୁଆରେ ସେ ମଦ ଘଡ଼ାରୁ କିଛି ମଦ ଢାଳି ତିନୋଟି ଦନାରେ ପୂରାଇ ରଖେ ଓ ପାଖରେ ତୀରଟିଏ ଥୋଇ ଦେଇଥାଏ । ଏହାପରେ ବରର ସାଥୀରେ ଯାଇଥିବା ଲୋକମାନେ ପୂର୍ବ ପୁରୁଷଙ୍କ ନାମ ଉଚ୍ଚାରଣ କରି ମଦ ପିଅନ୍ତି । ଯଦି କନ୍ୟାର ପିତା ଏ ବିବାହରେ ସମ୍ମତି ପ୍ରଦାନ କରନ୍ତି, ତେବେ ସେ ସେମାନଙ୍କୁ ଅଧା ଫେରିବା ବେଳେ ବର ଓ ତା'ର ସାଥୀମାନେ କନ୍ୟା ଘରର ଚାଳରେ ଗୋଟିଏ ତୀର ଓ ଖଡୁ ଖୋସି ଦେଇଆସନ୍ତି । ଯଦି କନ୍ୟା ଘର ଏହି ବିବାହକୁ ପସନ୍ଦ ନ କରନ୍ତି, ତେବେ ସେମାନେ ସେଇ ଖୋସା ଯାଇଥିବା ତୀରରେ ହଳଦୀ ବୋଳି ଦିଅନ୍ତୁ । କନ୍ୟାର ବନ୍ଧୁବାନ୍ଧବ ଓ ପିତାମାତା ବରପକ୍ଷରୁ ନିଆଯାଇଥିବା ମଦ ଖାଇବା ପରେ ବିବାହ ପାଇଁ ସ୍ୱୀକୃତି ମିଳି ଯାଇଥାଏ । ଏହାପରେ ସୁଯୋଗ ଦେଖି ବରକନ୍ୟାକୁ ଅପହରଣ କରି ନେଇଥାଏ । କନ୍ୟା ଅପହରଣ ପରେ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୁଏ । ଉଭୟ ଗ୍ରାମର ଲୋକମାନେ ଉକ୍ତ ବିବାହକୁ ସ୍ୱୀକୃତି ପ୍ରଦାନ କରିଥାଆନ୍ତି । ଏଥିପାଇଁ ବରପକ୍ଷକୁ କନ୍ୟାପକ୍ଷର ଲୋକମାନଙ୍କୁ ଭୋଜି ଓ କନ୍ୟାସୁନା ବାବଦକୁ କିଛି ଅର୍ଥ ଦେବାକୁ ପଡ଼ିଥାଏ । ଏ ପ୍ରକାର ବିବାହକୁ ଝିକାଟଣା ବିବାହ କୁହାଯାଇଥାଏ ।

## ପ୍ରସ୍ତାବିତ ବିବାହ

ଅନ୍ୟ କେତେକ ସ୍ଥାନରେ ସଉରା ପରିବାରର ମୁଖ୍ୟ ବା ବାପା ମାଆମାନେ ପୁଅ ଝିଅଙ୍କ ପାଇଁ ବିବାହ ପ୍ରସ୍ତାବ ଆଣନ୍ତି । ପୁଅ ପକ୍ଷରୁ ପ୍ରଥମେ ପ୍ରସ୍ତାବ ଆସେ । କୌଣସି ପରିବାରରେ ପୁଅର ବିବାହ ବୟସ ହୋଇଗଲେ ପୁଅ ପରିବାରର ଲୋକେ ବା ତାଙ୍କର ବନ୍ଧୁବାନ୍ଧବମାନେ କଥାବାର୍ତ୍ତା କରି କନ୍ୟା ନିର୍ବାଚନ କରିଥାଆନ୍ତି । ଏହାପରେ କନ୍ୟାପକ୍ଷକୁ ବରପକ୍ଷର ଲୋକେ ଜଣାଇ ଦିଅନ୍ତି ଯେ, ସେମାନେ ତାଙ୍କ ଝିଅକୁ ବୋହୂ କରି ନେବା ପାଇଁ ଚାହାଁନ୍ତି । ଏହାପରେ ଗୋଟିଏ ଦିନ ନିର୍ଦ୍ଧାରଣ କରାଯାଏ । ସେହି ନିର୍ଦ୍ଧାରିତ ଦିନରେ ବରପକ୍ଷ କନ୍ୟା ଗୃହରେ ଆସି ପହଞ୍ଚନ୍ତି । ସେମାନେ କନ୍ୟା ଗୃହକୁ ପ୍ରବେଶ କରିବା ପାଇଁ ସୁବିଧା ନ ପାଇଲେ ଦୁଆର ଭାଙ୍ଗି ଘର ମଧ୍ୟରେ ପ୍ରବେଶ କରିଥାନ୍ତି । ଯଦି କନ୍ୟା ପକ୍ଷ ଏ ବିବାହରେ ସମ୍ମତ ନ ଥାଆନ୍ତି । ତେବେ ସେମାନେ ନିରୁତ୍ତର ରହନ୍ତି ବା ଘରୁ ଅନ୍ୟ ଆଡ଼େ ଚାଲିଯାଇଥାଆନ୍ତି । ଯଦି ସେମାନେ ଏହି ବିବାହ ପ୍ରସ୍ତାବରେ ରାଜି ଥାଆନ୍ତି ତେବେ ଉଭୟ ପକ୍ଷ ଏକତ୍ର ବସି ମଦ ପିଅନ୍ତି । ମଦ ଖାଇବା ପରେ କନ୍ୟା ପକ୍ଷର ସ୍ୱୀକୃତି ମିଳିଥାଏ, ବରପକ୍ଷକୁ କିଛି ଜୋରିମାନା ଦେବାକୁ ପଡ଼େ ।

## ମନଦିଆନିଆ ବିବାହ

ପରଜା ଗ୍ରାମଗୁଡ଼ିକରେ 'ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା' ଘରମାନ ରହିଥିଲା । ଗ୍ରାମରେ ଅବିବାହିତ ପୁଅ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଘର ମାନ ରହିଥିଲା । ଏହି ଘରେ ଅବିବାହିତ ପୁଅଝିଅମାନେ ରାତିରେ ରହୁଥିଲେ । ଏଠାରେ ନିଜ ଜାତିର ନୃତ୍ୟ, ଗୀତ, ଚଳଣି, ଶୃଙ୍ଖଳା ପ୍ରଭୃତି ଶିକ୍ଷା କରୁଥିଲେ । ବୟସ୍କ ଲୋକେ ବାହାରେ ରହି ଏମାନଙ୍କୁ ଆଗରୁ ଚଳି ଆସୁଥିବା ଚଳଣି ନୃତ୍ୟ, ଗୀତ, କାହାଣୀ ସମ୍ପର୍କରେ ବୁଝାଉଥିଲେ । ଏହି ଘର ଆଗରେ ପୁଅଝିଅମାନେ ଜହ୍ନ ଉଇଁଲା ବେଳକୁ ରୁଣ୍ଡ ହୋଇଯାଉଥିଲେ । ବହୁତ ରାତି ପର୍ଯ୍ୟନ୍ତ ଖେଳକୁଦ, ନୃତ୍ୟଗୀତ, ଥଟ୍ଟାମଜା କରି ବସା ଘରେ ବିଶ୍ରାମ ନେଉଥିଲେ । ଏ ଘରେ ସମସ୍ତେ ମିଶି ରାତି କଟାଇବା ଫଳରେ ପରସ୍ପର ମଧ୍ୟରେ ସ୍ନେହ, ଭାତୃତ୍ୱ, ଭୁଲ ବୁଝାମଣା ଓ ଏକତା ରହୁଥିଲା । ତାପରେ ବିଭା ହେଉଥଲେ ପୁଅ ଝିଅ ।

## ଛାଡ଼ପତ୍ର ବିଭା

ଡିଡ଼ାୟୀ ସମାଜରେ ଛାଡ଼ପତ୍ରର ମଧ୍ୟ ବ୍ୟବସ୍ଥା ରହିଛି । ଏହାକୁ 'ହନ୍ତାର ବୋୟେ' କହନ୍ତି । ଏ ଛାଡ଼ପତ୍ରର କାରଣ ହେଉଛି ସ୍ତ୍ରୀ ଅନ୍ୟ ପୁରୁଷ ସହ ଅବୈଧ ସମ୍ପର୍କ ରଖିଲେ, ସ୍ତ୍ରୀ ଭଲ ଭାବେ ରୋଷେଇ ନ କଲେ କିମ୍ବା ପୁଅ, ଝିଅମାନଙ୍କ ଜନ୍ମ ନ ହେଲେ ଛାଡ଼ପତ୍ର ଦେବା ଅଧିକାର ରହିଛି ।



## ମେଳକ ବିବାହ

ଅମାନତ୍ୟ ଜନଜାତିରେ ପ୍ରଥମେ ପୁଅ ଥିବା ଘରେ କାହାର ଘରେ (ନିଜ ସହିତ ସମାନ ପ୍ରାଧାନ୍ୟ ଘର ଥିବା) ଝିଅ ଅଛି ତାକୁ ଠାବ କରି ପାଞ୍ଜି ପୁସ୍ତକ ଦେଖିବା ଲୋକଠାରୁ ଶୁଭଦିନ ଗଣନା କରି ପୁଅର ବାପମାଆ ଚୂଡ଼ା, ଗୁଡ଼, ବିଡ଼ି, ଦିଆସିଲି ନେଇ ଝିଅଘରକୁ ମାଗିଣି କରି ଯାଇଥାଆନ୍ତି । ଏହି ଜାତିର ଲୋକେ ମଦ ଦେଇ କନିଆଁ ମାଗିଣି କରି ଯାଆନ୍ତି ନାହିଁ । ଜ୍ୟୋତିଷ ପାଞ୍ଜି ଦେଖୁ ବିଭାଦିନ ଠିକ୍ କରନ୍ତି । ଜ୍ୟୋତିଷ କେଉଁଠି ତ ନିଜ ଜାତିର କେଉଁଠି ବ୍ରାହ୍ମଣ ଜାତିର ଥାଆନ୍ତି । ଗଣନା ଠିକ୍ ହେଲେ ବିବାହ ହୁଏ ।





ଜନଜାତିଙ୍କ ବିବିଧତାରେ ଭରା ବିବାହ ପ୍ରଥାକୁ ଆଜି ବି ଜନଜାତି ସମାଜ ମାନି ଆସୁଛି । ସମୟ ପରିବର୍ତ୍ତନ ପରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଆସିଥିଲେ ମଧ୍ୟ ମୂଳ ପରମ୍ପରାଠାରୁ ଦୂରେଇ ଯାଇ ନାହାଁନ୍ତି ଜନଜାତି । ■

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା-୭୬୫୦୦୧
ମୋ: ୯୪୩୭୨୦୯୬୭୧



# ଭାରତୀୟ ବିବାହର ଭିନ୍ନ ପରମ୍ପରା

**ଭାରତରେ ପ୍ରତ୍ୟେକ ବାହାଘରରେ କିଛି ନିଆରା ଓ ସୁନ୍ଦର ରୀତିନୀତି ଦେଖିବାକୁ ମିଳିଥାଏ। ଏହି କ୍ରମରେ ବଙ୍ଗାଳି, ରାଜସ୍ଥାନୀ, ଗୁଜରାଟୀ ବାହାଘରରେ କେଉଁ ସବୁ ଭିନ୍ନ ତଥା ନିଆରା ରୀତିନୀତି ରହିଛି, ତାହାକୁ ନେଇ ଏହି ଉପସ୍ଥାପନା।**

## ଗୁଜରାଟୀ ବିବାହରେ ମାମେରୁ ବିଧି

ଗୁଜରାଟୀ ବିବାହରେ ମାମେରୁ ବିଧିର ଭୂମିକା ବେଶ୍ ଗୁରୁତ୍ୱ ବହନ କରେ। ଏହି ବିଧିରେ କନ୍ୟାର ମାମୁଁଘରର ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ। ମାମେରୁ ବିଧି ମାମୁଁ ଘରୁକୁ ବୁଝାଏ। ଏହାକୁ ମୋସାଲୁ ବି କୁହାଯାଏ। ବିବାହ ପୂର୍ବରୁ ମାମୁଁ କନ୍ୟା ପାଇଁ ଉପହାର ଆଣିଥାନ୍ତି। ମାମୁଁ ଭାଣିଜି ଲାଗି ନୂଆ ପୋଷାକ, ମିଠା, ଉପହାର, ଚୁଡ଼ି, ଗହଣା ଆଦି ଆଣିଥାନ୍ତି। ଏଭଳି କରି ମାମୁଁ ଭାଣିଜିକୁ ନୂଆ ବୈବାହିକ ଜୀବନ ଆରମ୍ଭ ଲାଗି ଆଶୀର୍ବାଦ ପ୍ରଦାନ କରନ୍ତି। ଏହା ଗୁଜରାଟୀ ବିବାହର ପ୍ରଥମ ବିଧି।



**ଅନ୍ତରପାଟ** : ଜୟମାଳା ପୂର୍ବରୁ ବର ଓ କନ୍ୟା ମଧ୍ୟରେ ଏକ ପରଦା ଟଣାଯାଏ। ପୁଣି ଜୟମାଳା ବିଧି ଲାଗି ଏହି ପରଦାକୁ ତଳକୁ କରାଯାଏ। ସେହିପରି ମାମୁଁ ଭାଣିଜୀକୁ ବିବାହ ବେଦିକୁ ନେବା ସମୟରେ ସେଠାରେ ଫେରା ଆରମ୍ଭ ହେବା ପୂର୍ବରୁ ମଧ୍ୟ ଏକ ପରଦା ବର-କନ୍ୟାଙ୍କ ମଧ୍ୟରେ ଲଗାଯାଏ। ଏହି ସମୟରେ ଫେରା ବିଧି୍ ଲାଗି ପରଦାକୁ ତଳକୁ କରାଯାଏ। ଏହି ବିଧିକୁ ଅନ୍ତରପାଟ କୁହାଯାଏ। ଏହାକୁ ପାଳନ କରିବାର ଅର୍ଥ ହେଉଛି ବର-କନ୍ୟାଙ୍କୁ ଯେଭଳି କାହାର ନଜର ନ ଲାଗିବ।

**ବରଘୋଡ଼ା** : ବାହାଘରରେ ଏହି ବିଧି ବର ଭଉଣୀ କରିଥାନ୍ତି। ଭାଇର ବରଯାତ୍ରୀ ବାହାରିବା ପୂର୍ବରୁ କପଡ଼ାରେ ଗୁଡ଼ା ଯାଇଥିବା ମୁଦ୍ରାକୁ ଭାଇର ମୁଣ୍ଡରେ ଭଉଣୀ ରଖେ। ଏହି ବିଧି ଦ୍ୱାରା ବରକୁ ନଜର ନ ଲାଗିବା ବିଶ୍ୱାସ କରାଯାଏ।

**୪ଥର ମଙ୍ଗଳ ଫେରା** : ଗୁଜରାଟୀ ବାହାଘରରେ ବର-କନ୍ୟା ୪ଥର ଅଗ୍ନି ଚାରିପାର୍ଶ୍ୱରେ ପରିକ୍ରମା କରନ୍ତି। ଏହାପରେ ସେମାନେ ଏକସଙ୍ଗରେ ସାତ ପାଦ ଚାଲନ୍ତି। ଯାହାକୁ ସପ୍ତପଦୀ କୁହାଯାଏ। ଶେଷରେ କର-କନ୍ୟା ସମସ୍ତଙ୍କଠାରୁ ଆଶୀର୍ବାଦ ନେଇଥାନ୍ତି।

## ବଙ୍ଗାଳୀ ବିବାହରେ ଆଇବୁରୋ ଭାତ



ଏହା ବାହାଘର ପୂର୍ବରୁ କନ୍ୟା ଓ ବର ନିଜ ଘର ତଥା ସମ୍ପର୍କୀୟଙ୍କ ଘରେ ମଧ୍ୟାହ୍ନ ଭୋଜନ କରିବାକୁ ବୁଝାଏ। ଆଇବୁରୋର ଅର୍ଥ ହେଉଛି 'ଅବିବାହିତ' ଏବଂ ଭାତ ଅର୍ଥ 'ଅନ୍ନ।' ତେଣୁ ଅବିବାହିତ ଯୁବକ-ଯୁବତୀଙ୍କ ଏହା ଶେଷ ଅନ୍ନ ଗ୍ରହଣ ବୋଲି କୁହାଯାଏ। ଏହିଠାରୁ ବଙ୍ଗାଳୀ ବାହାଘରର ଆରମ୍ଭ ବୋଲି ଧରାଯାଏ। ଏହି ପରମ୍ପରା ଲାଗି ବର-କନ୍ୟା ନିର୍ଦ୍ଦିଷ୍ଟ ପୋଷାକ ମଧ୍ୟ ପରିଧାନ କରନ୍ତି। ବିଶେଷକରି କନ୍ୟା ନାଲି, ଗୋଲାପି ଓ ସୁନେଲି ପୋଷାକ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବର କୁର୍ତ୍ତା ଓ ପାଇଜାମା ପିନ୍ଧନ୍ତି।

**ଗଙ୍ଗା ମାତାଙ୍କୁ ନିମନ୍ତ୍ରଣ** : ବଙ୍ଗାଳୀ ବାହାଘରର ଆଉ ଏକ ନିଆରା ପରମ୍ପରା ହେଉଛି ଗଙ୍ଗା ମାତାଙ୍କୁ ନିମନ୍ତ୍ରଣ। ଶଙ୍ଖ ବାଦନ ପୂର୍ବକ ପରିବାରର କିଛି ମହିଳା ନଦୀକୁ ଯାଆନ୍ତି। ପାନପତ୍ର, ହଳଦୀ ଆଦି ଅନ୍ୟାନ୍ୟ ଜିନିଷ ନେଇଥାନ୍ତି। ସେଠାରେ ଦୀପ ଜାଳନ୍ତି। ଯେଉଁମାନେ ଗଙ୍ଗା ନଦୀଠାରୁ ଦୂରରେ ରହନ୍ତି, ସେମାନେ ଘରର ନିକଟସ୍ଥ କୌଣସି ପୋଖରୀରେ ଏହି ସମାନ କାର୍ଯ୍ୟ କରନ୍ତି।



**ଶୁଭଦୃଷ୍ଟି ରୀତି** : ବଙ୍ଗାଳୀ ବାହାଘରରେ କନ୍ୟା ଦୁଇ ହାତରେ ଦୁଇଟି ପାନପତ୍ର ଧରିଥିବା ଦେଖିବାକୁ ମିଳେ। ଏହାକୁ ଶୁଭଦୃଷ୍ଟି ରୀତି ବୋଲି କୁହାଯାଏ। ବର ଚାରିପାଖେ ୭ ଫେରା ନେବା ପରେ କନ୍ୟା ନିଜ ମୁହଁରୁ ପାନପତ୍ର ହଟାଇ ଥାଏ। ପାନପତ୍ରକୁ ଶୁଭ ଭବିଷ୍ୟତ ଏବଂ ଉନ୍ନତ ଭାଗ୍ୟର ସୂତ୍ର ବୋଲି ବିଶ୍ୱାସ କରାଯାଏ।

**ଜୟମାଳା ତିନିଥର ଅଦଳବଦଳ** : ବଙ୍ଗାଳୀ ବାହାଘରରେ ତିନିଥର ଜୟମାଳା ଅଦଳବଦଳର ପରମ୍ପରା ଅଛି। ଏହି ପରମ୍ପରା ହେଉଛି ଶୁଭଦୃଷ୍ଟିର। ପୁରାତନ ସମୟରେ ଏହି ପରମ୍ପରା ସମୟରେ ପ୍ରଥମ ଥର ପାଇଁ ବର-କନ୍ୟା ପରସ୍ପରକୁ ଦେଖିଥାନ୍ତି। ଏହି କାରଣ ଯୋଗୁଁ ମାଳାକୁ ତିନିଥର ବଦଳା ଯାଉଥିଲା।

**ବୋଉ ଭାତ** : ବାହାଘର ପରେ କନ୍ୟା ତା' ଶାଶୂଘରେ ପ୍ରଥମେ ଅନ୍ନ ଗ୍ରହଣ କରେ। ବର ଗୋଟିଏ ଥାଳିରେ ଅନ୍ନ ସହିତ ଅନ୍ୟାନ୍ୟ ବ୍ୟଞ୍ଜନ ପରଷି ଏକ ନୂଆ ଶାଢ଼ି ମଧ୍ୟ ପ୍ରଦାନ କରେ। ଏହାକୁ ଦେଇ ବର ଏକଥା ସୁନିଶ୍ଚିତ କରେ ଯେ, ଖାଦ୍ୟ, ବସ୍ତ୍ର ପ୍ରଦାନ ପୂର୍ବକ ସେ ନିଜ ସ୍ତ୍ରୀର ସମସ୍ତ ଦାୟିତ୍ୱ ଗ୍ରହଣ କଲା। ଏଥିସହିତ କନ୍ୟା ଘରର ସମସ୍ତ ସଦସ୍ୟଙ୍କୁ କ୍ଷୀରି ପରଷିବାର ପରମ୍ପରା ରହିଛି।

**ପାନପତ୍ର ସହିତ ପରିକ୍ରମା** : ଏହି ପ୍ରଥାକୁ ସପ୍ତପଦୀ ବୋଲି କୁହାଯାଏ। କନ୍ୟା ବର ଚାରିପାଖରେ ପରିକ୍ରମା କରିବା ପରେ ପାନପତ୍ର ହଟାଏ। ସପ୍ତପଦୀରେ କନ୍ୟାକୁ ସାତଟି ପାନପତ୍ର ଉପରେ ଚାଲିବାକୁ ହୋଇଥାଏ। ଏହାପରେ ବର ମଧ୍ୟ ସେହି ପାନପତ୍ର ଉପରେ ଚାଲିଥାଏ।

## ମାରୱାଡ଼ି ବିବାହରେ ତୁଳା ଉଠାଇବା ପରମ୍ପରା




ରାଜସ୍ଥାନ ବିବାହର ଏହାକୁ ଏକ ରୋଚକୀୟ ପରମ୍ପରା କହିଲେ ଭୁଲ୍ ହେବ ନାହିଁ। ପ୍ରଥମେ ବର ଉପରେ ତୁଳାର ଛୋଟ ଛୋଟ ଖଣ୍ଡ ରଖାଯାଏ। ଏହାପରେ କନ୍ୟାକୁ ବର ଶରୀରରୁ କାଢ଼ିବା ପାଇଁ କୁହାଯାଏ। ପୁଣି ସେହି ତୁଳା ଖଣ୍ଡକୁ କନ୍ୟା ଶରୀର ଉପରେ ରଖାଯାଏ ଏବଂ ବରଂ କନ୍ୟା ଶରୀରରୁ ବାହାର କରାଯାଏ।

**ଭାତ ଭରନା** : ମାରୱାଡ଼ି ବିବାହରେ ମାମୁଁ ଓ ମାଇଁଙ୍କ ଭୂମିକା ଖୁବ୍ ଗୁରୁତ୍ୱ ବହନ କରେ। ଭାତ ନିଓତନା ବା ଭାତ ଭରନା ବିଧି୍ରେ ବର କିମ୍ବା କନ୍ୟାର ମା' ନିଜ ବାପା ମାଆ ଭାଇ ଓ ଭାଉଜଙ୍କୁ ବିଧିବଦ୍ଧ ଭାବେ ଆମନ୍ତ୍ରିତ କରିଥାନ୍ତି। ଏହି ସମାରୋହରେ ବର-କନ୍ୟାର ମା' ନିଜ ଭାଇ ଓ ଭାଉଜ ମଥାରେ ଟିକା ଲଗାନ୍ତି।

**ମାୟରା** : ମାମୁଁ ନିଜ ଭଉଣୀ ବା ଭାଣିଜୀ ଘରକୁ କିଛି ଜିନିଷ ଭେଟି ଦିଏ। ଏହାକୁ ମାୟରା କୁହାଯାଏ। ଏହି ଭେଟି ଗହଣା ଓ ଆର୍ଥିକ ସହାୟତା ହୋଇପାରେ।

**ତୋରଣ** : ତୋରଣର ତାତ୍ପର୍ଯ୍ୟ ବିବାହ ସ୍ଥଳ ସହ ସମ୍ବନ୍ଧିତ। ଏହା ହେଉଛି ବିବାହ ସ୍ଥଳରେ ଝୁଲାଯାଇଥିବା ଏକ ସାଜସଜ୍ଜା ଜିନିଷ। ବିବାହ ସ୍ଥଳରେ ପ୍ରବେଶ କରିବା ପୂର୍ବରୁ ବର ନିମ ଡାଳରେ ତୋରଣକୁ ମାରେ। ଏହି ପ୍ରଥା ବହୁ ପୁରୁଣା। ବର-କନ୍ୟାଙ୍କ ବୈବାହିକ ଜୀବନରୁ ନକାରାତ୍ମକ ଦୂର କରିବା ପାଇଁ ଏହା କରାଯାଏ। ■



# ବିବାହ ବିଶ୍ୱାସ ଓ ପରମ୍ପରା

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବାହାଘରକୁ ଗୋଟିଏ ପବିତ୍ର ବନ୍ଧନ ବୋଲି କୁହାଯାଏ । ବିବାହ ହେଉଛି ଏକ ସାମାଜିକ ସ୍ୱୀକୃତି । ଭାରତୀୟ ବିବାହ ପରମ୍ପରା ଅନନ୍ୟ । ଏଥିରେ ଲୁଚି ରହିଥାଏ ସାମାଜିକ ବାର୍ତ୍ତା । ସେହିପରି ପ୍ରତ୍ୟେକ ଦେଶ, ରାଜ୍ୟ ଓ ସହରରେ ବିବାହକୁ ନେଇ ଭିନ୍ନ ରୀତିନୀତି, ପ୍ରଥା, ବିଚିତ୍ର ପରମ୍ପରା ଆଦି ପ୍ରଚଳିତ ହୋଇଥାଏ । ଯାହା ଶୁଣିଲେ ବିଶ୍ୱାସ ଲାଗି ନ ଥାଏ । ସେହିପରି ଭାରତର କେତେକ ଅଞ୍ଚଳରେ ବିବାହ ବିଶ୍ୱାସ ଓ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ । ସେଭଳି କିଛି ନିଆରା ବିବାହ ପରମ୍ପରାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଅନ୍ତର ପାଟ- ପରଦା ପ୍ରଥା

ମରାଠି ବିବାହରେ ଅନ୍ତର ପାଟ ବିବାହର ବିଶେଷ ମହତ୍ତ୍ୱ ରହିଛି । ବରବଧୂ ନିଜ ନିଜ ସ୍ଥାନରେ ବସିଥାନ୍ତି । ପୁରୋହିତ ମନ୍ତ୍ରପାଠ କରିଥାନ୍ତି । ଏହି ସମୟରେ ତାଙ୍କ ମଧ୍ୟରେ ଏକ ରେଶମ ପରଦା ଟଣା ଯାଇଥାଏ । ଏହି ପରଦା ଏକ ଶୁଭ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟିକୁ ସୀମିତ ରଖିଥାଏ । ଏହାକୁ ତଳକୁ କରିବା ପରେ ସେମାନେ ବିବାହ ସମୟରେ ପ୍ରଥମ କରି ପରସ୍ପରକୁ ଦେଖିଥାନ୍ତି । ଏହି କ୍ଷଣ ସେମାନଙ୍କ ମିଳନ ସମୟକୁ ଉତ୍ସାହ ଓ ଉତ୍ସୁକତାରେ ଭରି ଦେଇଥାଏ ।





## ଯୋଡ଼ିଦାର ପ୍ରଥା: ଜଣେ କନିଆକୁ ଦୁଇ ବର

ସାଧାରଣତଃ ପରମ୍ପରା ଅନୁଯାୟୀ, ଜଣେ ମହିଳା ଗୋଟିଏ ଯୁବକକୁ ବିବାହ କରିଥାନ୍ତି । କିନ୍ତୁ, ହିମାଚଳ ପ୍ରଦେଶରେ ଏହାକୁ ନେଇ ଭିନ୍ନ ପ୍ରଥା ଦେଖିବାକୁ ମିଳିଥାଏ । ଏଠାରେ ଜଣେ କନିଆ ଗୋଟିଏ ପରିବାରର ଦୁଇ ଭାଇଙ୍କୁ ବିବାହ କରିଥାନ୍ତି । ଏହାକୁ 'ଯୋଡ଼ିଦାର' ପ୍ରଥା ବୋଲି କୁହାଯାଏ । ଏହି ପ୍ରଥା ଅନୁଯାୟୀ, ଦୁଇ କିମ୍ବା ତତୋଽଧିକ ଭାଇ ଜଣେ ଯୁବତୀଙ୍କୁ ବିବାହ କରିଥାନ୍ତି । ହିମାଚଳ ପ୍ରଦେଶ ହାଟୀ ଜନଜାତିରେ ଏହି ପ୍ରଥାକୁ ମହାଭାରତ ସହ ଯୋଡ଼ା ଯାଇଥାଏ । ମହାଭାରତ ଅନୁଯାୟୀ, ପାଞ୍ଚାଳ ରାଜକୁମାରୀ ଦ୍ରୌପଦୀଙ୍କ ବିବାହ ପାଣ୍ଡବ ପାଞ୍ଚ ଭାଇଙ୍କ ସହ ହୋଇଥିଲା । ତେଣୁ ଏହି ପ୍ରଥାକୁ ଦ୍ରୌପଦୀ ପ୍ରଥା ବୋଲି ମଧ୍ୟ କୁହାଯାଏ । ସ୍ଥାନୀୟ ଲୋକେ ଏହାକୁ 'ଉଜ୍ୱଳ' କିମ୍ବା 'ଯୋଡ଼ିଦାର' ପ୍ରଥା ବୋଲି ମଧ୍ୟ କହିଥାନ୍ତି । ଏହା ଅନୁଯାୟୀ ପତ୍ନୀ ନିଜ ଇଚ୍ଛାନୁସାରେ, ଭାଇମାନଙ୍କ ମଧ୍ୟରେ ଅଦଳବଦଳ ହୋଇଥାନ୍ତି ।

## ଉପହାର ସମାରୋହ

ଗୁଜରାଟରେ ପ୍ରଚଳିତ ପରମ୍ପରା ଅନୁଯାୟୀ ବିବାହ ପୂର୍ବରୁ କନିଆ ପାଇଁ ମାମେରୁ ତଥା ମୋସାଲୁ ନାମକ ଏକ ପରମ୍ପରା ପାଳିତ ହୋଇଥାଏ । ଏଥିରେ କନିଆର ମାମୁଁ ଘରକୁ ପାରମ୍ପରିକ ଶାଢ଼ି, ଅଳଙ୍କାର, ମିଠା, ସାଙ୍ଗକୁ ସୁନ୍ଦର ଚାଙ୍ଗୁଡ଼ା ସହ ଅନ୍ୟାନ୍ୟ ଉପହାର ଦେଇଥାନ୍ତି । ଏହାକୁ ଉପହାର ସମାରୋହ ବୋଲି କୁହାଯାଏ । ପରିବାର ଲୋକେ ସାଙ୍ଗସାଥୀଙ୍କ ସହିତ ସୁନ୍ଦର ପାରମ୍ପରିକ ପୋଷାକ ପିନ୍ଧି ଏହି ଉତ୍ସବ ମନାଇଥାନ୍ତି । ଏଥିସହ ଖୁବ୍ ନାଚଗୀତର ଆସର ଜମିଥାଏ । କନିଆ ନିଜ ମାମୁଁଙ୍କଠାରୁ ଆଶୀର୍ବାଦ ନେଇଥାଏ । ବିବାହ ପରେ ମିଠା ଭର୍ତ୍ତି ଟୋକେଇ ସାଥିରେ ନେଇଥାନ୍ତି । ଏହାକୁ ପ୍ରେମ ଓ ପାରିବାରିକ ବନ୍ଧନର ପ୍ରତୀକ ଭାବେ ଜଣାଯାଏ ।





## ଗଙ୍ଗା ଆମନ୍ତ୍ରଣ

ବଙ୍ଗାଳୀ ବିବାହରେ ଗଙ୍ଗା ଆମନ୍ତ୍ରଣ ନାମକ ଏକ ନିଆରା ପରମ୍ପରା ପାଳିତ ହୋଇଥାଏ । ଏହି ଅନୁଯାୟୀ କନିଆ ଘରର ବିବାହିତ ମହିଳାମାନେ ସକାଳୁ ଉଠି ପବିତ୍ର ଗଙ୍ଗା ନଦୀକୁ ଝିଅର ବିବାହରେ ଆଶୀର୍ବାଦ ଦେବା ପାଇଁ ଆମନ୍ତ୍ରିତ କରିଥାନ୍ତି । ତେବେ ଏହି ଶୁଭ ନିମନ୍ତ୍ରଣ କରିବା ପୂର୍ବରୁ ସେମାନେ ସାଥିରେ ଧୂପ, ଦୀପ, ମିଠା ଥାଳି ଧରି ନଦୀ ତଟକୁ ଯାଇଥାନ୍ତି । ଏହାକୁ ବିଶ୍ୱାସ ଓ ଆଧ୍ୟାତ୍ମିକ ସହ ସଂଯୋଗ କରାଯାଇଥାଏ । ଝିଅର ବୈବାହିକ ଜୀବନ ସୁଖ ସମୃଦ୍ଧିରେ ଭରପୂର ହେବା ପାଇଁ ଏହି କାମନା କରାଯାଇଥାଏ ।

## କାଶୀ ଯାତ୍ରା

ଦକ୍ଷିଣ ଭାରତର କିଛି ସମ୍ପ୍ରଦାୟରେ କାଶୀଯାତ୍ରା ନାମରେ ବିବାହ ସମୟରେ ଏକ ପ୍ରଥା ପ୍ରଚଳିତ ହୋଇଥାଏ । ଏହା ଅନୁଯାୟୀ, ବର ନିଜର ବିବାହକୁ ତ୍ୟାଗ କରି ସନ୍ଥ ବା ପଣ୍ଡିତ ହେବା ପାଇଁ କାଶୀ ଯାତ୍ରାରେ ବାହାରନ୍ତି । ଏହି ରୋମାଞ୍ଚପୂର୍ଣ୍ଣ ପ୍ରଥା ପରେ କନିଆ ପିତା ଓ ଭାଇ ବରର ମନ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରିଥାନ୍ତି । ଏହାପରେ ବର ବିବାହ ମଣ୍ଡପରେ ଉପସ୍ଥିତ ହୋଇଥାନ୍ତି । ଏହାପରେ ତାଙ୍କୁ ଛତା ଓ ହାତରେ ପଙ୍ଖା ଧରି ସ୍ୱାଗତ କରାଯାଇଥାଏ । ବହୁତ ସମ୍ମାନର ସହିତ ଆତିଥ୍ୟ ପ୍ରଦାନ କରାଯାଇଥାଏ ।



## ନଗା ଥାବା

ମଣିପୁରରେ ବିବାହର ଅନ୍ତିମ ପ୍ରକ୍ରିୟା ହେଉଛି ନଗା ଥାବା । ଏହି ପରମ୍ପରା ଅନୁଯାୟୀ ବର ଓ କନିଆ ପକ୍ଷର ଦୁଇଜଣ ମହିଳା ପାଣିରେ ଦୁଇଟି ମାଛ ଛାଡ଼ିଥାନ୍ତି । ତେବେ ଏହା ବରବଧୂର ବିବାହର ପ୍ରତୀକ ସ୍ୱରୂପ ଜଣାଯାଏ । ବିଶ୍ୱାସ ଅନୁଯାୟୀ ମାଛ ଦୁଇଟି ପରସ୍ପର ମଧ୍ୟରେ ଉତ୍ତମ ସାମଞ୍ଜସ୍ୟ ରଖି ପହଁରୁଥିଲେ, ସେମାନଙ୍କ ବୈବାହିକ ଜୀବନ ସୁଖମୟ ହୋଇଥାଏ । ତେବେ ଏହି ପରମ୍ପରା ବରପକ୍ଷର ଦୁଇଜଣ ମହିଳା ଓ କନିଆ ପକ୍ଷରୁ ଜଣେ ମହିଳାଙ୍କୁ ନେଇ ଆୟୋଜିତ ହୋଇଥାଏ । ଏହା ବିବାହର ସାମଞ୍ଜସ୍ୟ ଓ ସହଚର୍ଯ୍ୟାର ପ୍ରତୀକ ଭାବେ ଜଣାଯାଏ ।

## ଶ୍ମଶାନ ଘାଟରେ ପୂଜା

ବରକନିଆଙ୍କ ସମେତ ପରିବାର ଲୋକଙ୍କ ପାଇଁ ବିବାହୋତ୍ସବ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ପରମ୍ପରା ଅନୁଯାୟୀ, ବିବାହ ପରେ ଓ ପୂର୍ବରୁ ଅନେକ ପ୍ରଥା, ରୀତିନୀତି ପାଳନ କରାଯାଇଥାଏ । ସେହିପରି ବିବାହ ପରେ ନବ ଦମ୍ପତି କୂଳ ଦେବତା ସମେତ ଦେବଦେବୀଙ୍କ ପୂଜାର୍ଚ୍ଚନା କରିଥାନ୍ତି । କିନ୍ତୁ ରାଜସ୍ଥାନର ବଡ଼ ଗାଁରେ ପୂଜାକୁ ନେଇ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ । ଏଠାର ପ୍ରଥା ଅନୁଯାୟୀ, ନବଦମ୍ପତି ବିବାହ ପରେ, ଦେବଦେବୀଙ୍କ କିମ୍ବା କୂଳ ଦେବତାଙ୍କ ପୂଜା ନ କରି, ପ୍ରଥମେ ଶ୍ମଶାନ ଘାଟରେ ପୂଜା କରିଥାନ୍ତି । ପରମ୍ପରା ଅନୁଯାୟୀ ଏଠାରେ ବର କନିଆ ଗୃହପ୍ରବେଶ କରିବା ପୂର୍ବରୁ ପ୍ରଥମେ ଶ୍ମଶାନଘାଟ ଯାଆନ୍ତି । ଲୋକମାନ୍ୟତା ଅନୁଯାୟୀ ବଡ଼ ଘାଟର ଏହି ଶ୍ମଶାନ ଘାଟ ଖୁବ୍ ନିଆରା । ଏହାକୁ ରାଜ ପରିବାରର ଖାନଦାନୀ ଶ୍ମଶାନ ଘାଟ ବୋଲି କୁହାଯାଏ । ଏଠାରେ ୧୦୩ ରାଜାରାଣୀଙ୍କ ସ୍ମୃତିରେ ଛାତ ତିଆରି କରାଯାଇଛି । ବିଶ୍ୱାସ ଅନୁଯାୟୀ, ଏଠାରେ ନବ ବିବାହିତ ଦମ୍ପତି ପୂଜା କଲେ ସେମାନଙ୍କୁ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ।

## କନିଆ ବଦଳରେ ବର ବିଦାୟୀ

ସାଧାରଣତଃ ବିବାହ ପରେ ଝିଅ ବିଦା ହୋଇ ବରଘରକୁ ଯାଇଥାଏ । ତେବେ ଏପରି ଏକ ସ୍ଥାନ ରହିଛି, ଯେଉଁଠି ବର ବିଦାୟୀ ହୋଇଥାଏ । ପରମ୍ପରା ଅନୁଯାୟୀ ବିବାହ ପରେ ବରକୁ ଘର ଛାଡ଼ିବାକୁ ହୋଇଥାଏ । ମେଘାଳୟ ରାଜ୍ୟ ଚେରାପୁଞ୍ଜିରେ ଏହି ପରମ୍ପରା ଦେଖିବାକୁ ମିଳିଥାଏ । ବିଶେଷ କରି ଖାସି ଜନଜାତିର ଲୋକଙ୍କ ମଧ୍ୟରେ ଏହି ପ୍ରଥା ପାଳିତ ହୋଇଥାଏ । ପ୍ରଚଳିତ ପରମ୍ପରା ଅନୁଯାୟୀ ଏଠାରେ ଝିଅ ବିବାହ ପରେ ନିଜ ଘରେ ରହିଥାଏ । ବାହା ହୋଇଥିବା ବର ନିଜ ଘରୁ ବିଦାୟ ନେଇ କନିଆ ଘରେ ରହିଥାଏ । ପରମ୍ପରା ଅନୁସାରେ କିଛି ସମୟ ଧରି, ପତିକୁ ପତ୍ନୀ ଘରେ ରହିବାକୁ ପଡ଼ିଥାଏ । ଏହାପରେ ସେ ଘର ବଦଳାଇ ପାରିବେ । କିନ୍ତୁ ନିଜ ପରିଶ୍ରମରେ ନିର୍ମିତ ଘରେ ହିଁ ରହିବାର ଅନୁମତି ଥାଏ । ଏଠାରେ ମହିଳାଙ୍କୁ ଘରର ମୁଖିଆ କରାଯାଇଥାଏ । ଏଠାରେ ପୁରୁଷଙ୍କର ରାଜ ଚାଲେ ନାହିଁ । ଏହି ସମ୍ପ୍ରଦାୟର ମହିଳାମାନେ ବାହାରେ କାମ କରି ଅର୍ଥ ଉପାର୍ଜନ କରିଥାନ୍ତି ।



## ବର ମାଆଙ୍କୁ ବିବାହରେ ଦେଖିବା ମନା

ସାଧାରଣତଃ ପିତାମାତାମାନେ ଆଗ୍ରହର ସହ ନିଜ ପୁଅ ଝିଅଙ୍କ ବିବାହ ଦେଖିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥାନ୍ତି । ଧୁମ୍‌ଧାମ୍‌ରେ ବିବାହ କରି ଭରପୂର ଆନନ୍ଦ ନେଇଥାନ୍ତି । କିନ୍ତୁ ବଙ୍ଗାଳୀ ବିବାହରେ ବରର ମାଆ ବିବାହ ଦେଖିବା ମନା ହୋଇଥାଏ । ଏହା ନବବଧୂଙ୍କ ପାଇଁ ଅମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

## ଦାୟିତ୍ୱ ଶିଖାଇବା ପରମ୍ପରା

ବିହାରର ବିବାହ ପରମ୍ପରା ଅନୁଯାୟୀ ଏଠାରେ କନିଆ ମୁଣ୍ଡରେ ମାଟିର ଘଡ଼ା ରଖି ବୟୋଜ୍ୟେଷ୍ଠମାନଙ୍କର ପାଦ ଛୁଇଁ ଆଶୀର୍ବାଦ ନେଇଥାନ୍ତି । ଏହାଦ୍ୱାରା ସେ ଦାୟିତ୍ୱ ସଂପନ୍ନ ବୋଲି ଜଣାଯାଏ । ବୈବାହିକ ଜୀବନର ଗୁରୁତ୍ୱ ବୁଝି ପରିବାରକୁ ଚଳାଇବାରେ ସେ ଯୋଗ୍ୟ ବୋଲି ପ୍ରମାଣିତ ହୋଇଥାଏ ।



## ଟମାଟରେ ବରଯାତ୍ରୀଙ୍କୁ ସ୍ୱାଗତ

ଉତ୍ତର ପ୍ରଦେଶ ସରସୌଲରେ ପ୍ରଚଳିତ ପରମ୍ପରା ଅନୁଯାୟୀ, ବରଯାତ୍ରୀଙ୍କ ଉପରକୁ ଗୋଲାପ ପାଖୁଡ଼ା ବଦଳରେ ଟମାଟୋ ବର୍ଷା କରିବାର ଏକ ଅଜବ ପରମ୍ପରା ରହିଛି । ଏହି ନିଆରା ପରମ୍ପରା ମାନ୍ୟତା ଓ ବିଶ୍ୱାସ ଉପରେ ପର୍ଯ୍ୟବସିତ । ଏହି ଅନୁଯାୟୀ ପ୍ରେମ ସମ୍ପର୍କର ଆରମ୍ଭରୁ ଧୁମ୍‌ଧାମ୍‌ରେ ମନୋରଞ୍ଜନ କରିବା ଆବଶ୍ୟକ । ଏହି କୌତୁକିଆ ପରମ୍ପରା ବିବାହକୁ ରୋମାଞ୍ଚପୂର୍ଣ୍ଣ କରିଥାଏ ।

## କ୍ଷୀର ମହୁରେ ପାଦ ବୁଡ଼ାଇ ପିଇବା

ଗୁଜରାଟରେ ବିବାହକୁ ନେଇ ଅଜବ ପରମ୍ପରା ସବୁ ଦେଖିବାକୁ ମିଳିଥାଏ । ଏଠାରେ ବରଙ୍କୁ ଏକ ସ୍ୱତନ୍ତ୍ର ଶୈଳୀରେ ସ୍ୱାଗତ କରାଯାଇଥାଏ । ବିବାହ ସମୟରେ ବରର ପାଦକୁ କ୍ଷୀର ଏବଂ ମହୁରେ ଧୋଇବାର ପରମ୍ପରା ରହିଛି । ଏହାପରେ ଏହି ମିଶ୍ରଣକୁ ବରକୁ ପିଇବାକୁ ଦିଆ ଯାଇଥାଏ ।

## ବରର ପୋଷାକ ଚିରିବା ପରମ୍ପରା

ସାଧାରଣତଃ ବର ପୋଷାକ ଚିରିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ । ତେବେ ଏହି ପରମ୍ପରା ସିନ୍ଧୀ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପ୍ରଚଳିତ । ଏହି ପରମ୍ପରା ସାଣ୍ଡ ନାମରେ ପରିଚିତ । ଏଠାରେ ବରକୁ ଡାହାଣ ପାଦରେ ଜୋତା ପିନ୍ଧା ଯାଇଥାଏ । କେଶରେ ତେଲ ଲଗାଯାଇଥାଏ । ଏହାପରେ ଡାହାଣ ପାଦରେ ମାଟିବାସନ ଭଙ୍ଗାଯାଇଥାଏ । ଏହା ପରେ ବରର ପୋଷାକକୁ ଫାଡ଼ି ଦିଆଯାଏ ।



## ପୁଅ - ପୁଅ ବିବାହ

ବିଶ୍ୱର ବିଭିନ୍ନ ସ୍ଥାନରେ ବିବାହକୁ ନେଇ ଭିନ୍ନ ରୀତିନୀତି, ପରମ୍ପରା ଦେଖିବାକୁ ମିଳିଥାଏ । ସେହିପରି ହିନ୍ଦୁ ଧର୍ମରେ ବିବାହକୁ ସାତଜନ୍ମର ବନ୍ଧନ ବୋଲି କୁହାଯାଏ । ତେବେ ବିବାହକୁ ନେଇ ଅଜବ ପରମ୍ପରା ମଧ୍ୟ ଦେଖିବାକୁ ମିଳିଥାଏ । ଭାରତରେ ଏପରି ଏକ ସ୍ଥାନ ରହିଛି, ଯେଉଁଠି ପୁଅ- ପୁଅଙ୍କୁ ବିବାହ କରିଥାନ୍ତି । ହୋଲି ପୂର୍ବରୁ ଏହି ପରମ୍ପରା ପାଳନ କରାଯାଇଥାଏ । ତେବେ ରାଜସ୍ଥାନ ବଡ଼ଦିଆ ଗାଁରେ ଏହି ନିଆରା ପରମ୍ପରା ପାଳନ କରାଯାଇଥାଏ । ଗାଁର ବୟସ୍କ ଲୋକଙ୍କ କହିବାନୁଯାୟୀ, ହୋଲି ପୂର୍ବ ରାତିରେ ଏହି ପରମ୍ପରା ପାଳନ କରାଯାଇଥାଏ । ପରମ୍ପରା ଅନୁଯାୟୀ ଦୁଇଟି ଛୋଟ ପୁଅ ବର କନିଆ ହୋଇଥାନ୍ତି । ଏଥିରେ ପୂରା ଗାଁ ଲୋକ ସାମିଲ ହୋଇଥାନ୍ତି ।

## ତୋରଣ ବନ୍ଦାଣ

ରାଜସ୍ଥାନରେ ରାଜପୂତ ବିବାହରେ ତୋରଣ ବନ୍ଦନା ନାମରେ ଏକ ନାଟକୀୟ ପରମ୍ପରା ପ୍ରଚଳିତ ହୋଇଥାଏ । ଏଥିରେ କନିଆ କୌତୁକିଆ ଢଙ୍ଗରେ ବର ଉପରେ ଖଣ୍ଡାରେ ଆକ୍ରମଣ କରିଥାନ୍ତି । ତେବେ ଏହି ନକଲି ଯୁଦ୍ଧରୁ ବରର ସାହସିକତା ପରୀକ୍ଷା କରାଯାଇଥାଏ । କନିଆ ପରିବାର ଦ୍ୱାରା ମିଠାମାଳା ପିନ୍ଧା ଯାଉଥିବା ସମୟରେ, ତାଙ୍କୁ ପ୍ରତୀକାତ୍ମକ ଖଣ୍ଡା ଆଘାତରୁ ନିଜକୁ ରକ୍ଷା କରିବାକୁ ପଡ଼ିଥାଏ ।

# ବିବାହକାଳୀନ କାନ୍ଦଣା ଗୀତ





ଓଡ଼ିଶାରେ ପ୍ରଚଳିତ ଲୋକଗୀତଗୁଡ଼ିକ ମଧ୍ୟରୁ 'କାନ୍ଦଣା ଗୀତ' ଅନ୍ୟତମ । କାନ୍ଦଣା ଗୀତ ଦୁଇ ପ୍ରକାର । ଗୋଟିଏ ବିବାହକାଳୀନ କାନ୍ଦଣା ଓ ଅନ୍ୟଟି ମୃତ୍ୟୁକାଳୀନ କାନ୍ଦଣା ଗୀତ । ବିବାହକାଳୀନ କାନ୍ଦଣା ଗୀତରେ ବିରହର ଯନ୍ତ୍ରଣା ଫୁଟି ଉଠିଥାଏ । ସେହିପରି କାରୁଣ୍ୟ ଓ ବିରହ ବିଚ୍ଛେଦର ଭାବ ଫୁଟି ଉଠିଥାଏ । ଝିଅଟିଏ ବିବାହ କରି ମାତାପିତା, ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଶାଶୁଘରକୁ ଗଲାବେଳେ ଯେଉଁ ହୃଦୟ ବିଦାରକ ରୋଦନ କରେ ତାହାକୁ କାନ୍ଦଣା ଗୀତ କୁହାଯାଏ । ବିବାହ ସଂପନ୍ନ ପରେ ଝିଅକୁ ବିଦାୟ ଦେବା ସମୟରେ କାନ୍ଦିବା ଓଡ଼ିଆ ସଂସ୍କୃତିର ଏକ ବହୁ ପ୍ରଚଳିତ ପ୍ରଥା । ସେହି କାନ୍ଦ ଭିତରେ ଝିଅ ଜୀବନର ପ୍ରତିଛବି ଝଲସି ଉଠିଥାଏ । ଓଡ଼ିଆ ଲୋକସାହିତ୍ୟର ଅନେକ ଗବେଷକ କାନ୍ଦଣା ଗୀତକୁ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କରିଛନ୍ତି । ଓଡ଼ିଆ ଲୋକସଂସ୍କୃତି ଓ ପରମ୍ପରାରେ କାନ୍ଦଣା ଗୀତ ବେଶ୍ ମହତ୍ତ୍ୱପୂର୍ଣ୍ଣ ।



ସତ୍ୟନାରାୟଣ ଠାକୁର

ଜୀବନରେ ବିବାହ ଏକ ଅପରିହାର୍ଯ୍ୟତା । ବିଶେଷ କରି ଭାରତୀୟ ସଂସ୍କୃତିରେ ନାରୀର ସାର୍ଥକତା ସ୍ୱାମୀ ଲାଭରେ । ବିବାହ ପରି ପବିତ୍ର ବନ୍ଧନରେ ବାନ୍ଧି ହୋଇ ନାରୀ ତୁଲାଇଥାଏ ତା'ର କର୍ତ୍ତବ୍ୟ । ସେମିତି ତା' ସ୍ୱଭାବରେ ବିପରୀତ ଧର୍ମୀ ଭାବ ଦେଖିବାକୁ ମିଳିଥାଏ । ପିତ୍ରାଳୟରେ ଥିଲାବେଳେ ସାରାଜୀବନ ବାପା,ମାଆ, ଭାଇ, ଉଉଣୀଙ୍କ ଗହଣରେ ରହିବାକୁ ଇଚ୍ଛା କରେ । କିନ୍ତୁ ଯୌବନର ଏରୁଣ୍ଡିବନ୍ଧ ପାରି ହେଲାପରେ ତା' ପାଇଁ ସମସ୍ତେ ଚିନ୍ତିତ ହେବା ଆରମ୍ଭ କରନ୍ତି । ଦୁର୍ଭାଗ୍ୟବଶତଃ ଝିଅ ଜନମରେ ବରପାତ୍ର ନ ଜୁଟିଲେ ପରିବାରର ଅନ୍ୟମାନେ ବ୍ୟସ୍ତ ହାଇପଡ଼ନ୍ତି । ଝିଅ ନେପଥ୍ୟରେ ଚକ୍ଷୁରୁ ଲୋତକ ଝରେଇବା ଆରମ୍ଭ କରିଦିଏ ନିଜର ଭାଗ୍ୟକୁ ନିନ୍ଦି । ସମସ୍ତ ଶୁଭକାମନା ତା' ପଛରେ ରହିଥାଏ । କିନ୍ତୁ ବିବାହ ସ୍ଥିର ହୋଇଗଲେ ଝିଅ ଭିତରେ ଭିତରେ ଖୁସି ହୁଏ । ଏହି ଖୁସିର ସମୟ ସବୁଦିନ ପାଇଁ ରହିଥାଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ । ହେଲେ ଆଶ୍ଚର୍ଯ୍ୟର କଥା ଯେ, ବିବାହ ସମୟରେ ସେ ପୁଣି ଲୁହ ଝରାଏ । ବନ୍ଧୁ, ବାନ୍ଧବ, ପିତା,ମାତା, ଭାଇ, ଭଉଣୀ, ସମ୍ପର୍କୀୟମାନଙ୍କ ବିଷୟରେ ଭାବି, ଅତୀତର ସ୍ମୃତିକୁ ରୋମନ୍ଥନ କରି ଅନାଗତ ଭବିଷ୍ୟତ ସଂପର୍କରେ ଚିନ୍ତା କରି ସେ କଇଁ କଇଁ ହୋଇ କାନ୍ଦି ବସେ । ଏହି କାନ୍ଦଣା ମେହେନ୍ଦୀ ବେଳେ, ହଳଦୀ ବେଳେ, ହସ୍ତବନ୍ଧନ ବେଳେ ଆଉ ବିଦାୟ ବେଳେ ତା' ତନୁ ମନକୁ ଏପରି କବଳିତ କରି ପକାଏ ଯେ, ସେ ନିଜକୁ ସଂପୂର୍ଣ୍ଣ ଭୁଲି ବସେ । ହିତାହିତ ଜ୍ଞାନ ସଂପର୍କରେ ତା'ର ବୁଝିବାର ଶକ୍ତି କମି ବସେ । ଅଭିମାନ, କୋହ, କ୍ଷୋଭ ପ୍ରକାଶ କରେ ଲୁହ ଜରିଆରେ ଆଉ ଭାବନାକୁ ମୁଖରେ ପ୍ରକାଶ କରେ ଲୁହ ମିଶ୍ରିତ ଭାବରେ । ନିଜକୁ ସେ ନ୍ୟୂନ ମନେ କରି ମାଆକୁ ସମ୍ବୋଧନ କରେ –

**ଥାଳି ଫିଙ୍ଗି ଦେଲୁ ମଞ୍ଚାତଳକୁ ମା ଗୋ**
**ମତେ ଫିଙ୍ଗି ଦେଲୁ ଯମପୁରକୁ ମା ଗୋ ।**



ଝିଅ ଯେମିତି ଗୋଟିଏ ଅନାବଶ୍ୟକ ପଦାର୍ଥ । ତାକୁ ବ୍ୟବହାର କରି ସାରିଲା ପରେ ଅଲୋଡ଼ା ହୋଇପଡ଼େ । ସେମିତି ହୋଇ ନଥିଲେ ଅବ୍ୟବହାର୍ଯ୍ୟ ଥାଳିପରି ଦୂରକୁ ପଠେଇ ଦେଇ ନଥାନ୍ତେ । ଶାଶୁଘର ଝିଅ ପାଇଁ ଯେମିତି ଯମପୁର । ସେଠାକୁ ଥରେ ଯିଏ ଯାଇଥାଏ ଆଉ ଜନ୍ମରେ ମାଁ ଘରକୁ ଫେରି ଆସେ ନାହିଁ । ଯେଉଁ ମା' ବାପାଙ୍କୁ ଝିଅ ନିଜର ସବୁକିଛି ଭାବି ଜୀବନ ସାରା ତାଙ୍କର ପାଦତଳେ ସେବା କରିବାକୁ ମନସ୍ଥ କରିଥିଲା, ସେମାନେ ଝିଅକୁ ବୋଝ ଭାବିବେ ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥାଏ । ତେଣୁ ଅଜଣା ମଣିଷ ହାତରେ ଯେତେବେଳେ ତାକୁ ଅର୍ପଣ କରିଦିଆଯାଏ, ସିଏ ଅଭିମାନ କରି କହିଉଠେ -

**ଗାଈ ମୁଲାଇଲୁ ଗୁହାଳେ ବସି ବାପା ଗୋ**
**ମତେ ହାରିଦେଲୁ ସଭାରେ ବସି ବାପା ଗୋ ।**

ଭାରତୀୟ ସଂସ୍କୃତିରେ ବିପରୀତମୁଖୀ ପରିସ୍ଥିତି ଗୁଡ଼ିକ ଦେଖାଯାଏ । ଗୋଟିଏ ପଟେ ନାରୀ ବିନା ନର ଅସଂପୂର୍ଣ୍ଣ ବୋଲି ଦ୍ୱାହି ଦିଆଯାଏ, ଆଉ ଅପରପଟେ ସେହି ନାରୀକୁ ସାମାନ୍ୟ ପଣ୍ୟଦ୍ରବ୍ୟ ପରି ବ୍ୟବହାର କରାଯାଏ । ଏଥିରୁ ନାରୀ ପ୍ରତି ନରର ଭାବନା ସ୍ପଷ୍ଟ ହୁଏ । ପିତା ହୋଇ ପୁତ୍ରୀକୁ ପଣ୍ୟଦ୍ରବ୍ୟ ଭାବି ନେଇ ଅନ୍ୟ ହାତରେ ବିକ୍ରି କରି ଦେବା ପାଇଁ ପ୍ରସ୍ତୁତ କିପରି ହୋଇ ପାରିଲେ ବୋଲି କନ୍ୟା ପ୍ରଶ୍ନ କରିଛି ପିତାଙ୍କୁ । ଏହାର ମୁଖ୍ୟ କାରଣ ନିଶ୍ଚୟ ବୋଝ ହୋଇଥିବ । ସମସ୍ତେ ବୋଝମୁକ୍ତ ହେବା ପାଇଁ ଚାହାନ୍ତି । ନାରୀର ବୋଝ ଧାରଣ କରିବା ଅତ୍ୟନ୍ତ କାଠିକର ପାଠ । ମାନ, ସମ୍ମାନ ସବୁ କ୍ଷତି ଘଟିବାର ଭୟ ରହିଥାଏ । ଏତାଦୃଶ୍ୟ ଚିନ୍ତାଧାରା ପିତାଙ୍କୁ ଆଚ୍ଛାଦିତ କରିଥିବାରୁ ସିଏ ଶୀଘ୍ରାତିଶୀଘ୍ର ବରପାତ୍ର ଯୋଗାଡ଼ରେ ଲାଗି ପଡ଼ନ୍ତି । କେବଳ ପିତା କାହିଁକି, ମାତା,ବଡ଼ ଭାଇ, ଭାଉଜ ଅନ୍ୟାନ୍ୟ ସମ୍ପର୍କୀୟମାନେ ମଧ୍ୟ ଏ ଦିଗରେ ସହାୟକ ହୁଅନ୍ତି । ତେଣୁ ଝିଅକୁ ପଣ୍ୟଦ୍ରବ୍ୟ ଭାବରେ ବିକ୍ରି କରିବାରେ ଅନ୍ୟମାନଙ୍କ ମଧ୍ୟ ହାତ ରହିଛି ବୋଲି ସେ ଜଣକୁ ଜଣକୁ ନିଜର କୋହ ପ୍ରକାଶ କରେ । ଏଭଳି ବିଭିନ୍ନ ଗୀତ ଗାଇ ଗାଇ ଝିଅମାନେ ନିଜ ଶାଶୁଘରକୁ ଯାଇଥାନ୍ତି । ଏହି କାନ୍ଦଣା ଗୀତରେ ନାରୀ ଜୀବନର ଅନେକ ଅକୁହା ବେଦନା ଫୁଟି ଉଠିଥାଏ ।

ଝିଅ ବିବାହ କରି ବାପଘରୁ ଶାଶୁଘରକୁ ଯିବା ସମୟରେ କାନ୍ଦିବାଟା ଏକ ସାମାଜିକ ପ୍ରଥା । ଏକଦା ଝିଅର ବିଦାୟ ଲଗ୍ନରେ କାନ୍ଦିବାଟା ଓଡ଼ିଆ ଝିଅର ଭୂଷଣ ଓ ଓଡ଼ିଶାର ଏକ ପରମ୍ପରା ଥିଲା । ବର୍ତ୍ତମାନ ଏହା ଆଧୁନିକତାର ପ୍ରଭାବରେ ଲୋପ ପାଇଗଲାଣି । ତଥାପି ଓଡ଼ିଶାରେ ଏବେ ବି ଏଭଳି ଅନେକ ଗାଁ ଅଛି, ଯେଉଁଠି ଝିଅମାନେ ବାହା ହୋଇ ଶାଶୁଘରକୁ ଯିବା ସମୟରେ କାନ୍ଦଣା ଗୀତ ଗାଇ ବାହୁନି ବାହୁନି କାନ୍ଦି ଥାଆନ୍ତି । ଝିଅ ବିଦାୟ ବେଳର କାନ୍ଦଣା ଦୃଶ୍ୟ ବଡ଼ କରୁଣ ଓ ହୃଦୟବିଦାରକ । ଓଡ଼ିଆ ଲୋକସଂସ୍କୃତିରେ କାନ୍ଦଣା ଗୀତ ମହତ୍ତ୍ୱ ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ■

ବାଲିବନ୍ଧା, ସମ୍ବଲପୁର

## ବୃକ୍ଷ ବିବାହ

ସାଧାରଣତଃ ପୁଅ-ଝିଅ ବିବାହ ପୂର୍ବରୁ ଉଭୟଙ୍କ ଜାତକ ମିଳାଯାଇଥାଏ । ଏହି ସମୟରେ ଯଦି କାହାର ଜାତକରେ ମାଙ୍ଗଳିକ ଦୋଷ, ରାହୁକେତୁ ଦୋଷ କିମ୍ବା କାଳ ସର୍ପ ଯୋଗ ଥିଲେ ବିବାହରେ ବିଳମ୍ବ ହୋଇଥାଏ । ମଙ୍ଗଳଦୋଷ ଥିବା ଗୋଟେ ଝିଅ ତା'ର ଭବିଷ୍ୟତ ସ୍ୱାମୀ ପାଇଁ ବିପଦର କାରଣ ହେଉଥିବା କୁହାଯାଏ । ତେଣୁ ଆମ ଦେଶର କେତେକ ସ୍ଥାନରେ ମଙ୍ଗଳଦୋଷ ଥିବା ଝିଅମାନଙ୍କୁ ପ୍ରଥମେ ବିବାହ ରୀତିନୀତି ଅନୁଯାୟୀ ସାହାଡ଼ା କିମ୍ବା କଦଳୀ ଗଛ ସହିତ ବିବାହ କରାଯାଏ । ଏହା ଦ୍ୱାରା ମଙ୍ଗଳ ଦୋଷ କଟି ଯାଇଥାଏ ବୋଲି ବିଶ୍ୱାସ ରହିଛି ।



# ଅଜବ ବିବାହ

କୁହାଯାଏ ବିବାହ ସ୍ୱର୍ଗରେ ହିଁ ସ୍ଥିର ହୋଇଥାଏ । ତେଣୁ ପ୍ରାପ୍ତ ବୟସ୍କ ହେବା ପରେ ଉଭୟ ପୁଅ ଆଉ ଝିଅ ପାଇଁ ଘରଲୋକ ଉପଯୁକ୍ତ ପାତ୍ର ଖୋଜିବାରେ ଲାଗି ପଡ଼ନ୍ତି । କିଛି ପରିଚିତ, ବନ୍ଧୁବର୍ଗଙ୍କଠାରୁ ପ୍ରସ୍ତାବ କ୍ରମେ, ଆଉ କିଛି ଘଟସୂତ୍ରକାରୀ କିମ୍ବା ମେଟ୍ରିମୋନିଆଲ ଦ୍ୱାରା ବିବାହ ଧାର୍ଯ୍ୟ ହୋଇଥାଏ । ହେଲେ ଏମିତି ଅନେକ ଅଛନ୍ତି ଯେଉଁମାନେ ନିର୍ଜୀବ ବସ୍ତୁ, ଗଛ, କୁକୁର, ପ୍ରେସର କୁକର ସହିତ ପ୍ରେମରେ ଛନ୍ଦି ହୋଇଯାଇଛନ୍ତି । ଆଉ ଉଭୟଙ୍କ ପ୍ରେମକୁ ବିବାହର ରୂପ ଦେଇଛନ୍ତି । ଏମିତି ଅଜବ ବିବାହକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା ।

## କୁକୁର ସହିତ ବିବାହ

କିଛି ଜନଜାତି ଜୀବନରେ ଖରାପ ପ୍ରଭାବକୁ ଦୂର କରିବାକୁ ମଣିଷ ସହିତ ବେଶ୍ ଧୁମ୍‌ଧାମ୍‌ରେ କୁକୁର ସହିତ ବିବାହ କରାଇଥାନ୍ତି । ଏଥିପାଇଁ ଭୋଜିଭାତ ଆୟୋଜନ କରିଥାନ୍ତି । ଏପରି ଏକ ଅନ୍ଧବିଶ୍ୱାସକୁ ପିଢ଼ି ପରେ ପିଢ଼ି ଲୋକ ପାଳନ କରିଆସୁଛନ୍ତି । କେବଳ ସେତିକି ନୁହେଁ, ପିଲାଙ୍କ ଉପରେ କୁ-ଦୃଷ୍ଟି ଦୂର କରିବାକୁ ମଧ୍ୟ କୁକୁର ସହିତ ବିବାହ କରାଯାଏ ।





## ଗଛ ସହିତ ପ୍ରେମ ବିବାହ

ମଙ୍ଗଳ ଦୋଷ ଦୂର ପାଇଁ ଗଛକୁ କିଛି କ୍ଷଣ ପାଇଁ ବିବାହ କରାଯିବା ସାଧାରଣ କଥା । ଏଥିରୁ କିନ୍ତୁ ବ୍ୟତିକ୍ରମ ବ୍ରିଟେନ୍‌ର କେଟ୍ କନିଂଘମ (୩୭) ନାମକ ମହିଳା । କିଛି ଗ୍ରହ ଦୋଷ ନଥାଇ ସେ ୨୦୧୯ରେ ରିମର୍ସ ଭେଲି ପ୍ରାନ୍ତର ପାର୍କରେ ଥିବା ଗଛକୁ ଧୁମ୍‌ଧାମ୍‌ରେ ବିବାହ କରିଥିଲେ । ଗଛ ସହିତ ଦୀର୍ଘ ୫ ବର୍ଷ ଏକାଠି ରହିଛନ୍ତି । ସପ୍ତାହକୁ ଥରେ ସେ ନିଜ ସ୍ୱାମୀ ତଥା ଗଛକୁ ଭେଟିବାକୁ ଯାଉଛନ୍ତି । ତାଙ୍କ ବୈବାହିକ ଜୀବନ ଖୁସି ଓ ସନ୍ତୁଷ୍ଟି ରହିଥିବା କହିଛନ୍ତି । ସେ କୁହନ୍ତି, ଯେତେବେଳେ ପ୍ରଥମେ ପାର୍କକୁ ଆସିଥିଲେ ତାଙ୍କର ଗଛ ସହିତ ପ୍ରେମ ହୋଇଯାଇଥିଲା ।

## କନିଆ ସାଜିଲା କୁମ୍ଭୀର

କୁମ୍ଭୀର ନାଁ ଶୁଣିଲେ ସାଧାରଣତଃ ମନରେ ଭୟ ସୃଷ୍ଟି ହୋଇଥାଏ । ହେଲେ ମେକ୍ସିକୋର ଛୋଟ ନଗରୀ ସାନ୍ ପେଡ୍ରୋ ହୁଆମେଲୁଲାର, ମେୟର ଭିକ୍ଟର ହ୍ୟୁଗୋ ସୋସା ଏକ କୁମ୍ଭୀରକୁ (୭ ବର୍ଷ) ବଡ଼ ଧୁମ୍‌ଧାମ୍‌ରେ ବିବାହ କରିଥିଲେ । ବାଜା ବାଣ ରୋଷଣି ସହିତ ବରଯାତ୍ରୀ ନେଇ ଯାଇଥିଲେ । ସାମାଜିକ ଗଣମାଧ୍ୟମରେ ତାଙ୍କ ବିବାହ ସମୟର ଫଟୋ ମଧ୍ୟ ସେୟାର କରାଯାଇଛି । ସମସ୍ତଙ୍କ ସାମ୍ନାରେ କୁମ୍ଭୀରକୁ ଚୁମ୍ବନ ଦେବା ସହିତ କୋଳରେ ଧରି ନାଚି ଚର୍ଚ୍ଚାରେ ଥିଲେ । ଏଭଳି ଘଟଣା ପ୍ରଥମ ଥର ପାଇଁ ଥିଲା, ତାହା ନୁହେଁ, ବରଂ ମେକ୍ସିକୋ ଅନ୍ତର୍ଗତ ଓଆକ୍ସାକା ପ୍ରଦଶର ଚୋଣ୍ଟାଲ୍ ଏବଂ ହୁଆଭେ ଜନଜାତି ସମ୍ପ୍ରଦାୟ ମଧ୍ୟରେ କୁମ୍ଭୀର ବିବାହ ପ୍ରଥା ବହୁ କାଳରୁ ଚଳିଆସୁଛି । ଧନ-ଧାନ୍ୟ କାମନା କରି ସେଠାରେ ଲୋକେ କୁମ୍ଭୀରକୁ ବିବାହ କରିବା ପରମ୍ପରା ରହିଛି ।



## ଜୀବନସାଥି ପୋଲ




ଶାନ୍ତ ଓ ଥଣ୍ଡା ମିଜାଜର ବ୍ୟକ୍ତିଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଅଷ୍ଟ୍ରେଲିଆର ଜୋଡି ରୋଜ ନାମକ ମହିଳା ଦକ୍ଷିଣ ଫ୍ରାନ୍ସର ସେରେଟରେ ଅବସ୍ଥିତି ଲେ ପୋଣ୍ଟ ଡୁ ଡାୟବଲ ପୋଲକୁ ବିବାହ କରିଥିଲେ । ବିବାହରେ ୧୪ ଜଣ ଅତିଥି ଉପସ୍ଥିତ ଥିଲେ । ଏଥିପାଇଁ ଜୋଡି ଏକ ଧଳା ଗାଉନ ପିନ୍ଧି ଥିଲେ । ପୋଲଠାରୁ ମୁଦି ପିନ୍ଧି ଏକାଠି ସାରା ଜୀବନ ରହିବାକୁ ସେ ପ୍ରତିଜ୍ଞା କରିଥିଲେ । ଅନ୍ୟପଟେ ପୋଲ ସ୍ଥିର, ପଥର ତଥା ନିର୍ଜୀବ ହୋଇଥିଲେ ବି ଯୁବତୀଙ୍କୁ ସୁରକ୍ଷିତ ରଖୁଛି ବୋଲି ସେ କୁହନ୍ତି । ପୋଲ ଭିତରେ ସେ ଜଣେ ବିଶ୍ୱାସୀ, ଦୟାବାନ ହୃଦୟର ସ୍ୱାମୀକୁ ପାଇଛନ୍ତି । ସେଥିପାଇଁ ସେ ପୋଲ ପ୍ରତି ସମ୍ପୂର୍ଣ୍ଣ ଭାବେ ସମର୍ପିତ ।

## ପ୍ରେସର୍ କୁକର୍ ସହିତ ବିବାହ



ବିବାହ ପାଇଁ ଜଣେ ପସନ୍ଦଯୋଗ୍ୟ ଯୁବତୀ ନମିଳିବାରୁ ଇଣ୍ଡୋନେସିଆର ଖୋଇରୋଲ୍ ଅମନ୍ ନାମକ ଯୁବକ ବିଦ୍ୟୁତଚାଳିତ ପ୍ରେସର୍ କୁକର୍‌କୁ ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି । ପାରମ୍ପରିକ ରୀତିନୀତିରେ ସେ ବିବାହ କରିଥିଲେ । ବିବାହରେ ସେ ନିଜେ ଧଳା ରଙ୍ଗର ପୋଷାକ ସେରୱାନୀ ପିନ୍ଧି ଥିବାବେଳେ ଟୋପି ଆଉ ବେକରେ ମାଳା ପକାଇଥିଲେ । ଧଳା ରଙ୍ଗର ପ୍ରେସର୍ କୁକର୍ ଉପରେ ଓଢ଼ଣି ପକାଇଥିଲେ । ପ୍ରେସର୍ କୁକରକୁ ନିଜ ପତ୍ନୀ ଭାବେ ସେ ଆଲିଙ୍ଗନ କରିବାକୁ ପଛାଇ ନଥିଲେ । ତେବେ ସାମାଜିକ ଗଣମାଧ୍ୟମରେ ଖୋଇରୋଲ୍‌ଙ୍କ ବିବାହ ସମୟର କିଛି ଫଟୋ ସେୟାର୍ ହେବା ପରେ ଏହା ଲୋକଲୋଚନକୁ ଆସିଥିଲା ।

## କଣ୍ଢେଇ କନିଆ



କଲମ୍ବିଆର କ୍ରିଷ୍ଟିୟନ ମୋଣ୍ଟେନେଗ୍ରୋ ନାମକ ଜଣେ ବ୍ୟକ୍ତି ଏକ ର୍ୟାଗ୍ ଡଲ୍ 'ନତାଲିୟା'କୁ ବିବାହ କରିଛନ୍ତି । ତେଣୁ କଣ୍ଢେଇ ପତ୍ନୀ ସହିତ ତାଙ୍କର ତିନିଟି ଛୁଆ ଅଛନ୍ତି । ଏକ ଖେଳନା ଡାକ୍ତରଙ୍କ ଦ୍ୱାରା ପିଲାମାନଙ୍କର ଜନ୍ମ ହୋଇଥିଲା । ତେବେ ସାମାଜିକ ଗଣମାଧ୍ୟମରେ କ୍ରିଷ୍ଟିୟନ୍ ନିଜ ବିଷୟରେ କହିବା ପରେ ଏହି ଘଟଣାଟି ବେଶ୍ ଚର୍ଚ୍ଚାରେ ରହିଥିଲା । କ୍ରିଷ୍ଟିୟନଙ୍କ ପରି ବ୍ରାଜିଲର ମେରିଭୋନେ ରୋଚା ମୋରେସ ନାମକ ମହିଳା ମଧ୍ୟ ଏକ କଣ୍ଢେଇ 'ମାର୍ସିଲୋ'କୁ ବିବାହ କରିଛନ୍ତି । କଣ୍ଢେଇ ଦ୍ୱାରା ସେ ଚାରି ଥର ଗର୍ଭବତୀ ହୋଇଥିଲେ । ହେଲେ ପରବର୍ତ୍ତୀ ସମୟରେ କଣ୍ଢେଇ ତାଙ୍କୁ ପ୍ରତାରଣା ଦେବାକୁ ତାଙ୍କ ସମ୍ପର୍କ ଭାଙ୍ଗି ଯାଇଥିବା ମଧ୍ୟ ସ୍ୱୀକାର କରିଛନ୍ତି । ସାଧାରଣତଃ ଏପରି ସମ୍ପର୍କକୁ ଅବଜେକ୍ଟୋଫିଲିଆ ନାଁ ଦିଆଯାଇଛି । ଏହା ଏକ ମନୋବୈଜ୍ଞାନିକ ସ୍ଥିତି । ଯେଉଁଥିରେ ଜଣେ ବ୍ୟକ୍ତିଙ୍କୁ କୌଣସି ଏକ ନିର୍ଜୀବ ବସ୍ତୁ ପ୍ରତି ଭଲପାଇବା ଆସିଥାଏ । ସେମାନେ ସେହି ନିର୍ଜୀବ ପ୍ରତି ବେଶୀ ଆକର୍ଷିତ ହୋଇଥାନ୍ତି ।

## କାନ୍ଥ ସହିତ ବିବାହ

ଇର୍ଜା–ରିଟା ନାମକ ଜଣେ ମହିଳା ବର୍ଲିନ କାନ୍ଥକୁ ଭଲପାଇ ବସିଥିଲେ । ଶେଷରେ ତାଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । କେବଳ ସେତିକି ନୁହେଁ, ଏରିକା ଏଫିଲ୍ ନାମକ ମହିଳା ଆଇଫିଲ୍ ଟାୱାର ସହିତ ବିବାହ ବନ୍ଧନରେ ବାନ୍ଧି ହୋଇ ଚର୍ଚ୍ଚାରେ ଥିଲେ । ■






## ନଷ୍ଟସ୍ୟ କାନ୍ୟାଂ ଗତି...

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଶାସକ ପଦ୍ମ ଦଳର ଯେଉଁ କେତେଜଣ ବିଧାୟକ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି, ସେମାନଙ୍କ ମଧ୍ୟରୁ ଆସ୍କା ମଣି ସରୋଜ ପାଢ଼ୀ ଅନ୍ୟତମ । ବୁମ୍‌ବାଲାଙ୍କ ପାଖରେ ବେବାକ୍ କଥାବାର୍ତ୍ତା ତାଙ୍କୁ ଯେତିକି ବିବାଦୀୟ କରିଛି, ତା'ଠୁ ତାଙ୍କୁ ଅଧିକ ଚର୍ଚ୍ଚିତ କରିଛି ତାଙ୍କର ବ୍ୟକ୍ତିଗତ ଜୀବନ । ଗଣମାଧ୍ୟମରେ ଚର୍ଚ୍ଚାଯୋଗୁଁ ହୁଏତ ସରୋଜ ଏଥିପାଇଁ ମନେମନେ ଖୁସି ହେଉଥିବେ, ମାତ୍ର ଏହା ଯେ ତାଙ୍କ ରାଜନୈତିକ ଯାତ୍ରାପଥରେ ଗୋଟେ ଗୋଟେ ଖାତ ଖୋଳୁଛି; ସେ କଥା ସମ୍ଭବତଃ ସେ ବୁଝି ପାରୁ ନାହାନ୍ତି । ସେଥିପାଇଁ ବିଧାୟକ ହେବାର ହ୍ୟାଙ୍ଗଓଭର ଏବେ ତାଙ୍କର ଖସି ନାହିଁ ବୋଲି ବି କେହି କେହି କହୁଛନ୍ତି । ବର୍ଷକ ତଳେ ବାଲି ଘାଟ ଚାନ୍ଦା ଅଡ଼ିଓକୁ ନେଇ ସରୋଜ ଭାରି ଚର୍ଚ୍ଚାରେ ଥିଲେ; ଆସ୍କା ଫର୍ଟିର ମୂଲ୍ୟ ବୃଦ୍ଧି ପ୍ରସଙ୍ଗରେ ପୁଣି ଥରେ ସେ ଚର୍ଚ୍ଚାର ପରିଧିକୁ ଆସିଲେ । କେଇଟା ଦିନ ଯାଇନାହିଁ, ପୁଣି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ସରୋଜଙ୍କ ଟିପ୍ପଣୀ ପୁଣି ତାଙ୍କୁ ବିବାଦୀୟ କରିଛି । ଯେଉଁଥିପାଇଁ ହାତ ପାର୍ଟିର ଅନ୍ୟତମ ଟାଣୁଆ ନେତା ମାନସ ଚୌଧୁରୀ ତ ଗୋଟେ ଭିଡ଼ିଓ କରି ସରୋଜ ପାଢ଼ୀ ଓଗେରଙ୍କ ଚଉଦ ପୁରୁଷ ଓଝାଳିଥିବା ଦେଖିବାକୁ ମିଳିଛି । ଏବେ ପୁଣି ନିଜକୁ ଜମିଦାର (ଲ୍ୟାଣ୍ଡଲଡର୍) ରୂପେ ଅଭିହିତ କରିବା ସହ ସର୍ବ ସମକ୍ଷରେ ସରୋଜ ପାଢ଼ୀ ଯେଉଁ ଜୁଆ କଥା କହିଛନ୍ତି, ତାହା ଏବେ ରାମମନ୍ଦିର ଆଖଡ଼ାରେ କୁଆଡ଼େ ଭାରି ଆଲୋଡ଼ନ ସୃଷ୍ଟି କରିଛି । ସରୋଜ ବାବୁଙ୍କ ନାଁ ଶୁଣୁଶୁଣୁ ଜଣେ ପୁରୁଖା ନେତା ଭୃକୁଞ୍ଚନ କରି କହି ପକାଇଲେ - 'ନଷ୍ଟସ୍ୟ କାନ୍ୟା ଗତିଃ' । ■



## କେବେ ହେବ ଶହେ ଦିନ

ଡା. ସମ୍ବିତ ପାତ୍ର ହେଉଛନ୍ତି ପଦ୍ମ ଦଳର ଜାତୀୟ ମୁଖପାତ୍ର । ତାଙ୍କ ଜ୍ଞାନଗାରିମା ଓ ପାଣ୍ଡିତ୍ୟ ବିଷୟରେ କାହାକୁ ଅଜଣା ନାହିଁ । ସେ ଅନର୍ଗଳ ସଂସ୍କୃତ କହିପାରନ୍ତି, ମହାପ୍ରଭୁ ଜଗନ୍ନାଥଙ୍କୁ ବି ଭକ୍ତରେ ପରିଣତ କରିବାରେ ସାମର୍ଥ୍ୟ ରଖନ୍ତି । ମାତ୍ର ଏତେ ବଡ଼ ଲୋକ ହୋଇ ବି ସେ କେମିତି ନିଜ ସଂକଳ୍ପକୁ ରକ୍ଷା କରିପାରୁନାହାନ୍ତି ତାହା ଆମ ପରି ସାଧାରଣ ଲୋକଙ୍କ ପାଇଁ ଅବୋଧ । ୨୦୨୪ରେ ପୁରୀ ଲୋକସଭା କ୍ଷେତ୍ରରୁ ସଂସଦ ଭାବରେ ପାତ୍ର ଆଜ୍ଞା ନିର୍ବାଚିତ ହେଲେ; ମାତ୍ର ନୟାଗଡ଼ରେ ଚିନିକଳ ଖୋଲିବା ସମ୍ପର୍କରେ ସେ କରିଥିବା ସଂକଳ୍ପ ଓ ସତ୍ୟ ପୁରାପୁରି ଭୁଲିଗଲେ । ନୟାଗଡ଼ରେ ନିର୍ବାଚନ ପ୍ରଚାର ସମୟରେ ଶ୍ରୀରାମଙ୍କ ମନ୍ଦିର ସମ୍ମୁଖରେ ସମ୍ବିତ ଶହଶହ ଲୋକଙ୍କ ସମ୍ମୁଖରେ ତ୍ରିବାର ସତ୍ୟ କରିଥିଲେ । ନିର୍ବାଚନରେ ସେ ଜିତିବେ ଓ ଶହେ ଦିନ ମଧ୍ୟରେ ନୟାଗଡ଼ ଚିନିକଳ ଖୋଲାଯିବ ବୋଲି ବି ଘୋଷଣା କରିଥିଲେ । ମାତ୍ର ଇତିମଧ୍ୟରେ ଶହେ ଦିନ ଯାଇ ଚାରିଶହ ଦିନ ବିତିଲାଣି, ମାତ୍ର ଚିନି କଳ ଖୋଲିବାର ନାଁ ଗନ୍ଧ ନାହିଁ । ସମ୍ବିତଙ୍କ କ୍ୟାଲେଣ୍ଡରରେ କେବେ ଶହେଦିନ ହେବ ତାହା ଦେଖିବାକୁ ନୟାଗଡ଼ବାସୀ ଚାହିଁ ବସିଛନ୍ତି । ମାତ୍ର ଏହି ସମୟରେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଓ ପଶୁସମ୍ପଦ ମନ୍ତ୍ରୀ ବାବୁ ଗୋକୁଳାନନ୍ଦ ଚିନିକଳ ଖୋଲାଯିବା ପ୍ରସଙ୍ଗରେ ପାତ୍ର ଆଜ୍ଞାଙ୍କୁ ଯେପରି ସମସ୍ତଙ୍କ ଆଗରେ ଭାଣ୍ଡିଆ କରିଛନ୍ତି, ତାହାକୁ ସମ୍ବିତପ୍ରେମୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଚିନି କଳ ୧୦୦ ଦିନରେ ଖୋଲିବା କଣ୍ଟ କଥା ଶୁଣି ମନ୍ତ୍ରୀ ଯେମିତି ଚିହିଁକି ଉଠିଲେ ଓ କେଉଁଠି ଲେଖା ହୋଇ ଦିଆଯାଇଛି ବୋଲି ପାଲଟା ପ୍ରଶ୍ନ କଲେ ତାହା ଶୁଣିବା ପରେ ସମ୍ବିତ ପ୍ରେମୀ କୁଆଡ଼େ ଭାରି ଖପ୍ପା । ■



## ରମେଶଙ୍କ ନୂଆ ଯାତ୍ରା

ଓଡ଼ିଶାରେ ହାତ ପାର୍ଟିର ଦୁର୍ଗତି ସମୟରେ ଯେଉଁ କେତେଜଣ କଂଗ୍ରେସିଆ ନେତା ନିଜ ଅଞ୍ଚଳରେ ଦବ୍‌ଦବା ରଖିଛନ୍ତି, ସେମାନଙ୍କ ମଧ୍ୟରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଜଣେ । ରାଜ୍ୟରେ ଶଙ୍ଖ ଝଡ଼ ସମୟରେ ରମେଶ ନିଜ ଅଞ୍ଚଳରେ ବିଜୟ ପତାକା ଉଡ଼ାଇଥିଲେ, ଗତ ନିର୍ବାଚନରେ ପଦ୍ମ ଦଳର ଅପ୍ରତ୍ୟାଶିତ ସଫଳତା ସମୟରେ ବି ରମେଶ ନିଜର ବିଜୟଯାତ୍ରା ଅବ୍ୟାହତ ରଖିଛନ୍ତି । ନିଜ ଅଞ୍ଚଳର ଲୋକଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ତାଙ୍କୁ ବାରମ୍ବାର ବିଜୟ ମୁକୁଟ ପିନ୍ଧାଇଛି । ରମେଶ ଖୁବ୍ କମ୍ କଥା କହନ୍ତି, ବିଧାନସଭାରେ ଦଳର ଶୃଙ୍ଖଳିତ ସଭ୍ୟ ଭାବରେ କାର୍ଯ୍ୟ କରନ୍ତି ଓ ଦଳର ଗୋଷ୍ଠୀ ବିବାଦରୁ ସବୁବେଳେ ନିଜକୁ ଦୂରେଇ ରଖନ୍ତି । ଦକ୍ଷିଣୀ ଭାଲୁଙ୍କ ସହ ତାଙ୍କର ଅତି ମଧୁର ସମ୍ପର୍କ ଥିବା ସମସ୍ତେ ଜାଣନ୍ତି, ହେଲେ ଦଳର କୌଣସି ନିର୍ଦ୍ଦିଷ୍ଟ ନେତାଙ୍କ ସହ ତାଙ୍କର ଶତ୍ରୁତା ଥିବା କେହି ଜାଣନ୍ତି ନାହିଁ । ମାତ୍ର ରମେଶ ଅକସ୍ମାତ ରାଜଧାନୀ ରାଜନୀତିରେ ସକ୍ରିୟ ହେବା ଅନେକଙ୍କୁ ବିସ୍ମିତ କରିଛି । ଦିବଙ୍ଗତ ଯୁବ କଂଗ୍ରେସ ନେତା ସଂଗ୍ରାମଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ରମେଶ ଯେପରି ସକ୍ରିୟ ଅଂଶଗ୍ରହଣ କରିଥିଲେ ତାହା କୁଆଡ଼େ କିଛି ନେତାଙ୍କ ପାଇଁ ହଜମ ହୋଇନାହିଁ । କାର୍ଯ୍ୟକ୍ରମରେ ରମେଶଙ୍କ ଅତିରିକ୍ତ ଅନ୍ତର୍ଭୁକ୍ତି ଓ ସକ୍ରିୟତା ସେମାନଙ୍କ ପାଇଁ କୁଆଡ଼େ ବଦହଜମ ହୋଇଛି । ଏପରିକି ଏହି ଘଟଣା ପରେ କେହିକେହି ରମେଶଙ୍କ କଥା ଶୁଣିଲେ ମୁହଁ ଫୁଲାଉଥିବା ବି ମାଷ୍ଟରକ୍ୟାଣ୍ଟିନ ହାତ ମଠରେ ଚର୍ଚ୍ଚା ହେଉଛି । ଏ କଥା ରମେଶଙ୍କ ପାଖରେ ପହଞ୍ଚିଲାଣି କି ନାହିଁ କେଜାଣି ? ■



## ଲକ୍ଷ୍ମଣଙ୍କ ଦାଦନ ଜ୍ଞାନ

କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ସିନା ଦଶମ ଯାଏ ପାଠ ପଢ଼ିଛନ୍ତି; ମାତ୍ର ଏମ୍‌ବିଏ ପଢ଼ିଥିବା ଆଜିକାଲିର ଯୁବ ବୃତ୍ତିଧାରୀଙ୍କୁ ସିଏ ଯେ ପାଣି ପିଆଇବାରେ ସମର୍ଥ । ଆଉ ଯେବେଠାରୁ ସେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପରି ସମ୍ମାନଜନକ ପ୍ରତିଷ୍ଠାନର ନିର୍ଦ୍ଦେଶକମଣ୍ଡଳୀରେ ସ୍ଥାନ ପାଇଲେଣି, ସେବେଠାରୁ ତାଙ୍କ ଜ୍ଞାନ ଓ ପାଣ୍ଡିତ୍ୟ ରାଜ୍ୟର ସୀମା ସରହଦ ଡେ଼ଇଁ ଦେଶର ରାଜଧାନୀ ଦିଲ୍ଲୀ ନେତାଙ୍କୁ ବି ଆହ୍ଲାଦିତ କଲାଣି । ସେଥିପାଇଁ ଲକ୍ଷ୍ମଣବାବୁ ଏବେ କୁଆଡ଼େ ମନ୍ତ୍ରୀ ହେବା ପାଇଁ ଭାରି ଇଚ୍ଛୁକ । ତାଙ୍କୁ ଭୋଟ ଦେଇ କ'ଣ ପାଇଲୁ ବୋଲି କଣ୍ଟାବାଞ୍ଜିବାସୀ ପଚାରୁଛନ୍ତି ବୋଲି ଉଲ୍ଲେଖ କରି ବୁଲେଇବଙ୍କେଇ ସେ ନିଜ ମନ୍ତ୍ରୀ ହେବା ଇଚ୍ଛା ଜାହିର ବି କଲେଣି ବୋଲି ଶୁଣିବାକୁ ମିଳୁଛି । ମାତ୍ର ନିକଟରେ ଦାଦନ ପ୍ରସଙ୍ଗରେ ଲକ୍ଷ୍ମଣ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା କୁଆଡ଼େ ତାଙ୍କ ପାଇଁ ଆତ୍ମଘାତୀ ହୋଇଛି । ନିର୍ବାଚନ ସମୟରେ ରାଜ୍ୟରୁ ଦାଦନ ଚାଲାଣ ବନ୍ଦ କରିବାକୁ ତାଙ୍କ ଦଳର ନେତାମାନେ ଘୋଷଣା କରିଥିଲେ । ହେଲେ ତାଙ୍କ ଦଳ କ୍ଷମତାକୁ ଆସିବା ପରେ ଦାଦନ ଚାଲାଣ ରୋକାଯିବା ତ ଦୂରର କଥା, ଦାଦନ ମୃତ୍ୟୁରେ ଓଡ଼ିଶା ସର୍ବକାଳୀନ ରେକର୍ଡ଼ କରିଛି । ଯାକୁ ନେଇ ସରକାର ବ୍ୟାକଫୁଟରେ । ଏହି ସମୟରେ ଓଡ଼ିଶାରୁ ଦାଦନ ଚାଲାଣ ବନ୍ଦ ହେଲେ ରାଜ୍ୟରେ ଚୋରି ଡ଼କାୟତି ବଢ଼ିବ ବୋଲି ଲକ୍ଷ୍ମଣ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ଉଭୟ ସରକାର ଓ ଦଳ ପାଇଁ ଅଡୁଆ ଡ଼ାକି ଆଣିଛି । ଦାଦନ ଯିବାରେ ଯେଉଁ ମଜା ଅଛି, ସେ ମଜା ଆଉ କେଉଁଥିରେ ନାହିଁ ବୋଲି ଲକ୍ଷ୍ମଣଙ୍କ ମନ୍ତବ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ଯେତିକି ଖପ୍ପା, ଦାଦନ ଟାସ୍କ ଫୋର୍ସ ମୁଖିଆ ଉପମୁଖ୍ୟମନ୍ତ୍ରୀ ସେତିକି ଅସୁଖୀ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।